ବର୍ଷ-୨୪, ସଂଖ୍ୟା-୨୩୮
ଭୁବନେଶ୍ୱର
୨୮ ସେପ୍ଟେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 238
Bhubaneswar
28 September, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜିଲ୍ଲାପାଳମାନେ ସରକାରଙ୍କ ପାଇଁ ତୃଣମୂଳସ୍ତରର ସେତୁ

ଭୁବନେଶ୍ୱର, ୨୭।୯ (ମହାଭାରତ): ଆଜି ଲୋକସେବା ଭବନର କନଭେନସନ ହଲରେ ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦଘାଟନ କରିଛନ୍ତି। ଏହି ଅବସରରେ କଡ଼ା ଭାଷାରେ ଜିଲ୍ଲାପାଳଙ୍କୁ ତାଗିଦ୍ କରିବା ସହ ପରାମର୍ଶ ଦେଇଛନ୍ତି। ଏଥିସହ ପୂର୍ବ ସରକାରର ୫ଟି ବ୍ୟବସ୍ଥାକୁ କଟାକ୍ଷ କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ କେଭି ସିଂହ ଦେଓଙ୍କ ସମେତ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଉପସ୍ଥିତ ଥିଲେ। ଆସନ୍ତାକାଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ବୈଠକ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦୁର୍ନୀତି ନେଇ ଶୂନ୍ୟ ସହନଶୀଳତା ଅବଲମ୍ବନ କରନ୍ତୁ ଜିଲ୍ଲାପାଳ। ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ, ଯଦି କିଛି ଅନିୟମିତତା ହେଉଛି ଦେଖୁଛନ୍ତି, ତାହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏଥିସହ ପୂର୍ବ ସରକାର ବେଳେ ହୋଇଥିବା ଦୁର୍ନୀତିର ଜିଲ୍ଲାପାଳ ତଦନ୍ତ କରନ୍ତୁ। ଗଣମାଧ୍ୟମ, ସୋଶାଲ ମିଡିଆରେ ଆସୁଥିବା ଅଭିଯୋଗ ବାବଦରେ ଅନୁଧ୍ୟାନ କରନ୍ତୁ।

ଏହି ଅବସରରେ ଜିଲ୍ଲାପାଳମାନେ ଜିଲ୍ଲା ସ୍ତରରେ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ କରିବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଜିଲ୍ଲାସ୍ତରରେ ସାଧାରଣ ଲୋକ ସରକାର କହିଲେ ଜିଲ୍ଲାପାଳ ମାନଙ୍କୁ ବୁଝିଥାନ୍ତି। ରାଜଧାନୀକୁ ଛାଡ଼ିଦେଲେ ଅନ୍ୟ ସବୁଠି ସରକାର କହିଲେ ଜିଲ୍ଲାପାଳଙ୍କୁ ବୁଝାଯାଇଥାଏ। ଜିଲ୍ଲାପାଳଙ୍କ ନିକଟରେ ଲୋକଙ୍କ ସମସ୍ୟା ସମାଧାନ ହୋଇଥାଏ।

ସରକାର ଓ ଲୋକଙ୍କ ମଧ୍ୟରେ ମୁଖ୍ୟ ସେତୁ ହେଉଛନ୍ତି ଜିଲ୍ଲାପାଳ। ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ଜିଲ୍ଲାପାଳଙ୍କ ଦାୟିତ୍ୱ ରହିଛି। ସରକାରୀ ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାରୁ ଗରିବୀ ହଟିବ। 'ଉନ୍ନତିମୂଳକ କାର୍ଯ୍ୟରେ ବିଳମ୍ବ ହେଲେ ଦୁର୍ନୀତି ହୁଏ, ସେଥିପ୍ରତି ନଜର ରଖିବା ଆବଶ୍ୟକ। ଜିଲ୍ଲାପାଳ ତ୍ରୟମାସିକ ସମୀକ୍ଷା କରି ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରନ୍ତୁ।





ଜିଲ୍ଲାପାଳମାନେ ଥାନା ଓ ଶିକ୍ଷାନୁଷ୍ଠାନ ପରିଦର୍ଶନରେ ଯାଆନ୍ତୁ। ଯଦି କୌଣସି ବିଚ୍ୟୁତି ଦେଖୁଛନ୍ତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

ଏହି ଅବସରରେ ପୂର୍ବ ସରକାରର ୫ଟି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ସରକାରରେ ଶିକ୍ଷାର ବିକାଶ ନାଁରେ କେବଳ ସ୍କୁଲ କାନ୍ଥରେ ରଙ୍ଗ ମରାଯାଉଥିଲା। ଶିକ୍ଷାର ଭିତ୍ତିଭୂମି ବିକାଶ କରିବା ବଦଳରେ ସ୍କୁଲ କାନ୍ଥକୁ ରଙ୍ଗୀନ କରାଯାଉଥିଲା। ସ୍କୁଲ କାନ୍ଥରେ ରଙ୍ଗ ମାରିଲେ ଶିକ୍ଷାର ବିକାଶ ହୁଏ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

## ଜିଲ୍ଲାପାଳ ସମ୍ମିଳନୀରେ ସ୍ୱଚ୍ଛ ଶାସନର ମନ୍ତ୍ର ଦେଲେ ମୋହନ

## ପ୍ରଶାସନରେ ସ୍ୱଚ୍ଛତା ଆସିଲେ ଲୋକଙ୍କୁ ଉଚିତ ନ୍ୟାୟ ମିଳିବ

ଜିଲ୍ଲାପାଳ ସମ୍ମିଳନୀରେ ସରକାରୀ ଅଧିକାରୀଙ୍କ ନିୟମିତ ବଦଳି ଉପରେ ଗୁରୁତ୍ୱ ଦେବା ସହ କିଛି ଅଧିକାରୀ ବର୍ଷ ବର୍ଷ ଧରି ଗୋଟିଏ ଯାଗାରେ ରହିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ରୁ ୪ ବର୍ଷ ରହିବା କଥା। ୪ ବର୍ଷ ପରେ ଅଧିକାରୀଙ୍କ ବଦଳି ନେଇ ସରକାରୀ ନିୟମ ରହିଛି। କିନ୍ତୁ ପୂର୍ବ ସରକାରରେ ଜଣେ ଜଣେ ଅଧିକାରୀ ବହୁ ବର୍ଷ ଧରି ଗୋଟିଏ ସ୍ଥାନରେ ରହିଥିବା ଦେଖାଯାଇଛି। ଗୋଟିଏ ଗୋଟିଏ ବିଭାଗରେ ୧୫ ବର୍ଷ, ୧୦ ବର୍ଷ ଧରି ରହିଛନ୍ତି। ଆଉ ସେକାଳ ପଖାଳ ନାହିଁ, ସରକାରୀ ଅଧିକାରୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି ହେଲେ ସ୍ୱଚ୍ଛତା ଆସିବ, ଅଭିଜ୍ଞତା ଆଧାରରେ ବିକାଶ ତ୍ୱରାନ୍ୱିତ ହେବ। ପ୍ରଶାସନରେ ସ୍ୱଚ୍ଛତା ଆସିଲେ ସାଧାରଣ ଲୋକଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି କହିଛନ୍ତି ମୋହନ। ଆମ ସରକାର ଲୋକଙ୍କ ସରକାର। ଲୋକମାନଙ୍କ ସୁଖଦୁଃଖରେ ଆମେ ଭାଗୀଦାର, ରାଜ୍ୟର ବିକାଶ ଲାଗି ଆମେ ପ୍ରତିଶ୍ରୁତିବଦ୍ଧ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମାଂଚଳ ତଥା ସହରାଂଚଳର ଭିତ୍ତିଭୂମି ବିକାଶ ଏବଂ ମହିଳାମାନଙ୍କର ଉନ୍ନତି ଭଳି କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ଓ ରାଜ୍ୟର ଆର୍ଥିକ ବିକାଶର ଗତିକୁ ତ୍ୱରାନିତ କରିବାପାଇଁ ଆମ ସରକାର ପଦକ୍ଷେପ ନେଉଛନ୍ତି। ଆପଣ ମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ଦ୍ୱାରା ହିଁ ସବୁ ପଦକ୍ଷେପର ସୁଫଳ ଲୋକଙ୍କ ପାଖରେ ପହଂଚିବ ଏବଂ ଆମ ରାଜ୍ୟ ଏକ ନମ୍ବର ରାଜ୍ୟ ହେବ। ସେହିପରି ଚୋରା ମଦ କାରବାର ରୋକିବା ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଚୋରା ମଦ କାରବାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି ମୋହନ। ଜିଲ୍ଲାପାଳ ଅପମିଶ୍ରିତ ମଦ ପ୍ରସ୍ତୁତକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଅବକାରୀ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ଚୋରା ମଦ କାରବାର ରୋକିବା ଦାୟିତ୍ୱ ଜିଲ୍ଲାପାଳଙ୍କ ହାତରେ ରହିଛି। ଏଥିପାଇଁ ନିଜ ଜିଲ୍ଲାରେ ଯଦି କିଛି ଅଘଟଣ ହୁଏ, ଜିଲ୍ଲାପାଳ ଉତ୍ତରଦାୟୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନଜାତିମାନଙ୍କ ଜୀବନ ଜୀବିକା ଜଙ୍ଗଲ, ପାହଡ, ପର୍ବତ ଉପରେ ନିର୍ଭର କରିଥାଏ। ସେମାନେ ଏହା ଉପରେ ନିଜ ଜୀବନ ଜୀବିକା, ନିଜ ସଂସ୍କୃତି ପାଇଁ ନିର୍ଭର କରିଥାନ୍ତି। ତେଣୁ ସେମାନେ ଆଇନ ଅନୁସାରେ ଜଙ୍ଗଲରୁ ଜଙ୍ଗଲଜାତ ଲଘୁଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କରିବା ଅଧିକାର ପାଇବା ଉଚିତ। କିନ୍ତୁ, ଅନେକ ସମୟରେ ଜଙ୍ଗଲ ବିଭାଗର କ୍ଷେତ୍ର କର୍ମଚାରୀମାନେ ନିରୀହ ଜନଜାତିମାନଙ୍କୁ ଅଥାରେ ହଇରାଣ ହରକତ କରିଥାନ୍ତି।

## ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ଜଣାଅ

**ଭୁବନେଶ୍ୱର, ୨୭।୯ (ମହାଭାରତ):** ଜିଲାପାଳମାନଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକ ପ୍ରତିନିଧିମାନଙ୍କୁ ଅଫିସରମାନେ ସମ୍ମାନ ଦେବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚିତ ଜନପ୍ରତିନିଧିଙ୍କୁ ବୁକ୍ ସର୍କୁଲାର୍-୪୭ ଅନୁସାରେ ସମ୍ମାନ ଦିଆଯାଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ଦେବା ସହ ନିଜ ସହ ଘଟିଥିବା ଦୁଃଖଦ କଥାକୁ ପ୍ରକାଶ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟ ମନ୍ତ୍ରୀ ଏବଂ ଅନ୍ୟ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସେହି ବୈଠକରେ ଜଣେ ଜିଲ୍ଲାପାଳ ବିଳମ୍ବରେ ପହଞ୍ଚିଥିଲେ। ହେଲେ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ନମସ୍କାର ଜଣାଇଥିଲେ ବି ରାଜ୍ୟ ମନ୍ତ୍ରୀଙ୍କୁ ସମ୍ମାନ ଦେଇ ନ ଥିଲେ। ସେହି ରାଜ୍ୟ ମନ୍ତ୍ରୀ ଏବେ ଦେଶର ରାଷ୍ଟ୍ରପତି ଦୌପଦୀ ମୁର୍ମୁ। ତେଣୁ ଲୋକ ପ୍ରତିନିଧିଙ୍କୁ ସମ୍ମାନ ଦେବାରେ ଏତେ କୁଣ୍ଠା କାହିଁକି ବୋଲି ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି ତାଙ୍କ ସହ ଘଟିଥିବା କିଛି ଦୁଃଖଦ କଥାକୁ ସର୍ବ ସମ୍ମୁଖରେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାରରେ ଥାନାଧିକାରୀଙ୍କ ବ୍ୟବହାର ଅତି କଠୋର ଥିଲା। ବିରୋଧୀ ଦଳ ନେତା ଭାବେ ଏକ ଅଭିଯୋଗ ନେଇ ଥାନାକୁ ଯାଇଥିଲି। ମାତ୍ର ସେଠାରେ ଥିବା ଆଇଆଇସି ମୋ ଅଭିଯୋଗ ଶୁଣିବା ପୂର୍ବରୁ ଥାନାକୁ ଆସିବାର ତୁମର ଅଧିକାର ନାହିଁ ବୋଲି କହିବା ସହ ଆମ ଥାନାକୁ କାହିଁକି ଆସିଛି କହି ଗେଟ୍ ଆଉଟ୍ କହିଥିଲେ।

# ବିବାଦୀୟ ପୋଷ୍ଟକୁ ନେଇ ଭଦ୍ରକରେ ଉତ୍ତେଜନା



ଭଦ୍ରକ, ୨୭।୯ (ମହାଭାରତ): ସୋସିଆଲ ମିଡିଆରେ ଅଶାଳୀନ ପୋଷ୍ଟକୁ ନେଇ ଆଜି ଅପରାହ୍ନରେ ଭଦ୍ରକ ସହରର ସନ୍ତୁଆଠାରେ ତୁମୁଳକାଣ୍ଡ ଘଟିଛି। ଉତ୍ୟକ୍ତ ଲୋକେ ପୋଲିସ ଉପରକୁ ପଥରମାଡ଼ କରିଛନ୍ତି। ଏଥିରେ ୨ ପୋଲିସ ଅଧିକାରୀ ଆହତ ହୋଇଥିବା ବେଳେ ଘଟଣାସ୍ଥଳକୁ ଯାଇଥିବା ତହସିଲଦାରଙ୍କ ଗାଡ଼ିକୁ ଭାଙ୍ଗି ଦେଇଛନ୍ତି। ଉତ୍ୟକ୍ତ ଲୋକେ ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଲାଠିଚାର୍ଜ କରିଛି। ଘଟଣାସ୍ଥଳରେ ଏବେ ୧୦ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ପୁରୁଣାବଜାର ନଙ୍ଗାମହଲା ଓ ସ୍ଥାନୀୟ ଅଂଚଳରେ ୧୬୩ ଧାରା ଅନିର୍ଦ୍ଦିଷ୍ଟକାଳ ପାଇଁ ଜାରି କରାଯାଇଛି।

ଘଟଣାରୁ ପ୍ରକାଶ ଯେ, ଇନ୍‌ଷ୍ଟାଗ୍ରାମ୍‌ରେ ଜଣେ ଯୁବକ ଗୁରୁବାର ସନ୍ଧ୍ୟାରେ ମହାପୁରୁଷ ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇ ଏକ ପୋଷ୍ଟ କରିଥିଲେ। ଏହାକୁ ବିରୋଧ କରି ସଂଖ୍ୟାଲଘୁ ସମ୍ପ୍ରଦାୟର କେତେକ ବ୍ୟକ୍ତି ପୁରୁଣାବଜାର ଥାନାରେ ଅଭିଯୋଗ କରିବା ସହ ଉକ୍ତ ଯୁବକଙ୍କୁ ଗିରଫ ପାଇଁ ଦାବି କରିଥିଲେ। ୨ ଦିନ ଭିତରେ ଉକ୍ତ ଯୁବକଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପୋଷ୍ଟ କରିଥିବା ଯୁବକ ଜଣକ ସୋସିଆଲ ମିଡିଆରେ ପୁନର୍ବାର କିଛି ମେସେଜ୍ କରିବା ପରେ ଏହା ଉତ୍ତେଜନା ବୃଦ୍ଧି ପାଇଥିଲା।

ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଭଦ୍ରକ ପୌରାଂଚଳ ଅଧୀନସ୍ଥ ପୁରୁଣାବଜାର ଥାନା ନଙ୍ଗାମହଲା ଅଂଚଳର ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକେ ମେଳି ବାନ୍ଧି ସନ୍ତୁଆ ନିକଟ ପୋଲକୁ ଅବରୋଧ ପୂର୍ବକ ଟାୟାର ଜାଳି ପୁଲିସ୍‌କୁ ଅଟକାଇଥିଲେ ଏବଂ ଏହି ଶତାଧିକ ସଂଘବଦ୍ଧ ଲୋକେ ପୁଲିସ୍‌କୁ ଅଟକାଇ ତହସିଲଦାରଙ୍କ ଗାଡି କାଚକୁ ବାଡେଇ ଭଂଗାରୁଜା କରିବା ସହ ପୁଲିସ୍ ଉପରକୁ ଟେକା ପଥର ଫୋପାଡିଥିଲେ। ଏହି ଢେଲା ମାଡରେ ସହରାଂଚଳ ଥାନାର ଏଏସ୍‌ଆଇ ରାଜକିଶୋର ମୂର୍ମୁଙ୍କ

## ଶ୍ରୀମନ୍ଦିର ଅବଢ଼ାର ମାନ ଯାଞ୍ଚ ହେବ : ମନ୍ତ୍ରୀ

ଭୁବନେଶ୍ୱର/ପୁରୀ, ୨୭।୯ (ମହାଭାରତ): ପୁରୀ ଶ୍ରୀମନ୍ଦିରରୁ ବାହାରୁଥିବା ଅବଢ଼ାର ମାନ ଯାଂଚ୍ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରୋଷଘରକୁ ଯାଉଥିବା ସାମଗ୍ରୀ ଓ ବାହାରକୁ ଆସୁଥିବା ଅବଢ଼ାର ମାନ ଯାଂଚ୍ ହେବ। ମାନ ଯାଂଚ୍ ହେବା ପାଇଁ ଖୁବ୍ ଶୀଘ୍ର ଫୁଡ୍ ଇନ୍ସପେକ୍ଟର ନିଯୁକ୍ତ ହେବେ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ। କେବଳ ଅବଢ଼ା ନୁହେଁ ଘିଅର ମାନ ମଧ୍ୟ ଯାଂଚ୍ କରାଯିବ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ ଯେ, ଆବଶ୍ୟକ ପଡିଲେ ମହାପ୍ରସାଦ ଓ ଦୀପରେ ବ୍ୟବହୃତ ଘିଅର ମାନ ଯାଂଚ୍ ହେବ।

ପ୍ରକାଶ ଥାଉକି, ବିଭିନ୍ନ ବ୍ରାଣ୍ଡର ଘିଅ ବ୍ୟବହାର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା।

## ଅରୁଣ ଷଡ଼ଙ୍ଗୀ ଓପିଏସ୍‌ସି ଚେୟାରମ୍ୟାନ୍

**କଟକ, ୨୭।୯ (ମହାଭାରତ):** ବରିଷ୍ଠ ଆଇପିଏସ ଅରୁଣ ଷଡ଼ଙ୍ଗୀଙ୍କୁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ଚେୟାରମ୍ୟାନ୍ ନିଯୁକ୍ତ କରିଛନ୍ତି ସରକାର। ଏହି ପଦବୀରେ ତାଙ୍କୁ ଆଗାମୀ ୬ ବର୍ଷ ପାଇଁ ନିଯୁକ୍ତ କରାଯାଇଛି। ଏବେ ସେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ନିର୍ଦ୍ଦେଶକ ଅଛନ୍ତି।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପଦର ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ନେବା ପରେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମିର ନିର୍ଦ୍ଦେଶକ ସହିତ ୨୦୨୩ ଡିସେମ୍ବର ୩୧ରେ ସେ ପୋଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ।



ପ୍ରାୟ ସାତ ମାସ ଅତିରିକ୍ତ ଡିଜି ଥିବା ସମୟରେ ଓଡ଼ିଶା ପୋଲିସ ଅରୁଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗତ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ, ନିରପେକ୍ଷରେ ସମାପନ କରିଥିଲା। ବିଶେଷ କରି ୨୬ବର୍ଷ ପରେ ପ୍ରଥମଥର ପାଇଁ ଓଡ଼ିଶାରେ ନିର୍ବାଚନ ମାଓ ହିଂସାମୁକ୍ତ ହୋଇପାରିଥିଲା। ଏଥିସହିତ ରାଜ୍ୟରେ ନୂଆ ସରକାର ଆସିବା ପରେ ରଥଯାତ୍ରାରେ ସମୟରେ ଗୋଟିଏ ଦିନରେ ନବଯୌବନ ଓ ରଥଯାତ୍ରା ପଡୁଥିବାବେଳେ ଏହାକୁ ସୁରୁଖୁରୁରେ ସମ୍ପନ ହୋଇଥିଲା। ଏଥିସହିତ ତାଙ୍କର କାର୍ଯ୍ୟକାଳରେ ତିନୋଟି ନୂଆ ଆପରାଧିକ ଆଇନ ସୁରୁଖୁରରେ ଲାଗୁ କରିବା ସମେତ ବାଲେଶ୍ୱରରେ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ବିଶୃଙ୍ଖଳାକୁ ପୋଲିସ ଦମନ କରି ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିଥିଲା।

## ଆଉ ୪ ଜଣଙ୍କର ହେବ ପଲିଗ୍ରାଫ୍ ଟେଷ୍ଟ

**ଭୁବନେଶ୍ୱର, ୨୭।୯ (ମହାଭାରତ):** ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଆଉ ୪ ପୁଲିସ ଅଧିକାରୀଙ୍କର ହେବ ପଲିଗ୍ରାଫ ଟେଷ୍ଟ। ସେମାନଙ୍କର ପଲିଗ୍ରାଫ୍ ଟେଷ୍ଟ ପାଇଁ ଆଜି ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ। ଏହି ୪ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ନିଲମ୍ବିତ ହୋଇଥିବା ଜଣେ ମହିଳା ସବ୍-ଇନ୍ସପେକ୍ଟର ଓ ୨ ମହିଳା ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର। ଏହି ତିନି ଜଣଙ୍କ ସହିତ ସେଦିନ ସେଠାରେ ଉପସ୍ଥିତ ଆଉ ଜଣେ ପୁଲିସ ଅଧିକାରୀଙ୍କର ମଧ୍ୟ ପଲିଗ୍ରାଫ ଟେଷ୍ଟ ହେବ। ସେଥିପାଇଁ ସେମାନଙ୍କୁ ଗୁଜରାଟର ଗାନ୍ଧିନଗର ନିଆଯିବ। କିନ୍ତୁ ନିଲମ୍ବିତ କନଷ୍ଟେବଲଙ୍କର କୌଣସି ଟେଷ୍ଟ କରାଯିବ ନାହିଁ। ପୂର୍ବରୁ ଭରତପୁରର ପୂର୍ବତନ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ ପାଇଁ କୋର୍ଟ ଅନୁମତି ଦେଇସାରିଛନ୍ତି।

## ୯ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୭।୯ (ମହାଭାରତ) ଶୁକ୍ରବାର ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ହୀରାକୁଦ ଡ୍ୟାମ୍ ର ୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ କରାଯାଉଥିବା ବେଳେ ପରେ ସ୍ଥିତିକୁ ଦେଖି ମଧ୍ୟାହ୍ନ ସୁଦ୍ଧା ୩ଟି ଏବଂ ପରେ ଅପରାହ୍ନରେ ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏବେ ମୋଟ୍ ୯ଟି (ବାମ ପାର୍ଶ୍ୱ ଡାଇକ୍ ର ୬ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୩ଟି) ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଆବଶ୍ୟକ ପଡିଲେ ଆଉ ଅଧିକ ସ୍ଲୁଇସ୍ ଗେଟ୍ ଖୋଲା ଯାଇପାରେ। ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଡ୍ୟାମର ଜଳସ୍ତର ୬୩୦ ଫୁଟ ରହିଛି। ଯାହାକି ଡ୍ୟାମ୍ ର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍।

## ଅକ୍ଟୋବରରୁ ରାସନକାର୍ଡରେ ମିଳିବ ଗହମ

**ଭୁବନେଶ୍ୱର, ୨୭।୯ (ମହାଭାରତ):** ଆସନ୍ତା ଅକ୍ଟୋବର ମାସରୁ ଲୋକଙ୍କୁ ରେସନକାର୍ଡରେ ଚାଉଳ ଓ ଗହମ ଉଭୟ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।



ତାଙ୍କର ଦିଲ୍ଲୀ ଗସ୍ତ ସମୟରେ ସେ ଓଡ଼ିଶାକୁ ଚାଉଳ ସହ ଗହମ ଦେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ମନ୍ତ୍ରୀଙ୍କ ଅନୁରୋଧ କରି କେନ୍ଦ୍ରମନ୍ତ୍ରୀ ଅକ୍ଟୋବର ମାସରୁ ଗହମ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ଓଡ଼ିଶା ଲୋକ ଅଧିକ ଭାତ ଖାଉଥିବା ଦର୍ଶାଇ କରୋନା କାଳରୁ ଗହମ ବନ୍ଦ କରିଥିଲେ ତତ୍କାଳୀନ ବିଜେଡି ସରକାର। କିନ୍ତୁ ଏବେ ବିଜେପି ସରକାର ଚାଉଳ ସହ ଗହମ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ବିଧାନସଭାରେ ଏନେଇ ବିଭାଗୀୟ ମନ୍ତ୍ରୀ ଘୋଷଣା କରିଥିଲେ। ଓଡ଼ିଶା ସମେତ ଆଉ ୮ ରାଜ୍ୟର ରାସନକାର୍ଡ ହିତାଧିକାରୀ ଚାଉଳ ସହ ଗହମ ପାଇବେ। ପୂର୍ବ ସରକାର ଆବଶ୍ୟକତା ନଥିବା କହି ଗହମ ବନ୍ଦ କରିଥିଲେ। କିନ୍ତୁ ଏବେ ଅଟାଦର ଆକାଶଛୁଆଁ ହୋଇଥିବା ବେଳେ ରାସନକାର୍ଡରେ ଗହମ ମିଳିବା ନିଷ୍ପତ୍ତିକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ହିତାଧିକାରୀ। ବିଜେଡି କହିଛି, ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତି କରୁଛି ବିଜେପି ସରକାର। ଏବେ ବି ରାଜ୍ୟର ଅଧିକାଂଶ ଲୋକଙ୍କ ପ୍ରିୟ ଖାଦ୍ୟ ଭାତ। ତେଣୁ ରାସନକାର୍ଡରେ ଗହମ ମିଳିବାକୁ ରାଜ୍ୟବାସୀ କେତେଦୂର ଗ୍ରହଣ କରିବେ ତାହା ସବୁଠୁ ବଡ ପ୍ରଶ୍ନ।

## ନର୍ସିଂ ଅଫିସରଙ୍କ ଆନ୍ଦୋଳନ ବନ୍ଦ ପାଇଁ ମନ୍ତ୍ରୀଙ୍କ ନିବେଦନ

**ଭୁବନେଶ୍ୱର, ୨୭।୯ (ମହାଭାରତ):** ରାଜ୍ୟରେ ଆନ୍ଦୋଳନରତ ନର୍ସିଂ ଅଫିସର ମାନେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନୁରୋଧ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରୋଗୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେବା କାର୍ଯ୍ୟରେ ନିୟୋଜିତ ଥିବା ନର୍ସିଂ ଅଫିସର ମାନେ ମାନବିକତା ପ୍ରଦର୍ଶନ କରିବା ଉଚିତ୍। ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ଏବଂ ସରକାର ଏହାକୁ ସହୃଦୟତାର ସହିତ ବିଚାର କରୁଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଏଭଳି ଅପିଲ ସତ୍ତ୍ୱେ ନର୍ସିଂ ଅଫିସର ମାନେ ତାଙ୍କ ଜିଦ୍‌ରେ ଅଟଳ ରହି ଆନ୍ଦୋଳନ ଚଳାଇଛନ୍ତି। ଯାହା ଫଳରେ ବିଭିନ୍ନ ଡ଼ାକ୍ତରଖାନାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ଏହି ଆନ୍ଦୋଳନ ଉପରେ ରାଜ୍ୟ ସରକାର ପୂର୍ବରୁ ଏସ୍‌ମା ଲାଗୁ କରିଛନ୍ତି।

# ଓଡ଼ିଶାରେ ପ୍ରତିଷ୍ଠା ହେବ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭରସିଟି



**ଭୁବନେଶ୍ୱର, ୨୭।୯ (ମହାଭାରତ):** ଓଡ଼ିଶାରେ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭର୍ସିଟିର ଏକ କ୍ୟାମ୍ପସ ପ୍ରତିଷ୍ଠା କରାଯିବ। ଏଠାରେ ଓଡ଼ିଶାର ପିଲାମାନଙ୍କୁ ସାଇବର ସୁରକ୍ଷା ଉପରେ ଶିକ୍ଷା ପ୍ରଦାନ କରାଯିବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୟୁନିଭିସିଟିର ଏକ ଟିମ୍ ସାକ୍ଷାତ କରି ଏହା ଉପରେ ଆଲୋଚନା କରିଛନ୍ତି।

ରାଜ୍ୟରେ ବଢୁଥିବା ସାଇବର କ୍ରାଇମକୁ ଦୃଷ୍ଟିରେ ରଖି ଏଭଳି ଏକ ଅନୁଷ୍ଠାନର ଆବଶ୍ୟକତା ଓଡ଼ିଶାରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି କ୍ୟାମ୍ପସ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବେ। ଅପରାଧର ତଦନ୍ତ ଓ ଅପରାଧ ରୋକିବା ଦିଗରେ ଦକ୍ଷ ବିଶେଷଜ୍ଞ ସୃଷ୍ଟି କରିବାରେ ମଧ୍ୟ ଏହା ବିଶେଷ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟର ପୁଲିସ ଅଧିକାରୀମାନେ ସାଇବର ସିକ୍ୟୁରିଟି ଉପରେ ପ୍ରଶିକ୍ଷଣ ପାଇବାରେ ସୁବିଧା ହେବା ସହିତ ରାଜ୍ୟରେ ସାଇଣ୍ଟିଫିକ୍ ଅଫିସରମାନଙ୍କ ଆବଶ୍ୟକତା ପୂରଣ ହେବାରେ ମଧ୍ୟ ସହାୟକ ହେବ। ଏହାକୁ ଏକ ସେଂଟର ଅଫ ଏକ୍ସିଲେନ୍ସ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଲ୍ଲୀସ୍ଥିତ ନ୍ୟାସନାଲ ଫରେନସିକ ସାଇନ୍ସ ୟୁନିଭରସିଟି ନିର୍ଦ୍ଦେଶିକା ଡଃ ପୁରବୀ ପେଖାରିୟାଲ, ଏନଏଫଏସୟୁ ତ୍ରିପୁରାର ନିର୍ଦ୍ଦେଶକ ଡଃ ଏଚକେ ପ୍ରତିହାରୀ ଓ ଅନ୍ୟ ବିଶେଷଜ୍ଞମାନଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା, ଗୃହ ସଚିବ ସତ୍ୟବ୍ରତ ସାହୁ, ପୁଲିସ ଡିଜି ୱାଇବି ଖୁରାନିଆ ଓ କ୍ରାଇମବ୍ରାଂଚ ଏଡିଜି ଅରୁଣ ବୋଥ୍ରା ପ୍ରମୁଖ ଯୋଗ ଦେଇଥିଲେ।

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ। ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ। ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି । ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



## ଖବର

# ପରଦାରେ 'ଦେବରା', ପ୍ରେକ୍ଷାଳୟ ବାହାରେ ହୁତୁହୁତୁ ଜଳିଲା ଜୁନିୟର ଏନଟିଆରଙ୍କ କଟ୍‌ଆଉଟ୍




ଜୁନିୟର ଏନଟିଆରଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଦେବରା' ଶୁକ୍ରବାର ମୁକ୍ତିଲାଭ କରିଛି। ଫିଲ୍ମକୁ ନେଇ ଅନେକ ପ୍ରଶଂସକ ଖୁସି ଥିବାସହ ଏହାର ପ୍ରଶଂସା କରୁଥିବାବେଳେ ଅପରପକ୍ଷରେ କେତକ ପ୍ରଶଂସକଙ୍କୁ ପସନ୍ଦ ଆସିନାହିଁ 'ଦେବରା'। ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେଉଛି । ଭିଡିଓରେ ଅଭିନେତା ଜୁନିୟର ଏନଟିଆରଙ୍କ ଏକ ବଡ ଫଟୋ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। କ୍ୟାପ୍ସନରେ କୁହାଯାଇଛି ଯେ, ହାଇଦ୍ରାବାଦର ଥିଏଟର ବାହାରେ ଜୁନିୟର ଏନଟିଆରଙ୍କ ପ୍ରଶଂସକମାନେ ତାଙ୍କ କଟଆଉଟରେ ନିଆଁ ଲଗାଇ ଦେଇଛନ୍ତି।ଫିଲ୍ମର ଖରାପ ରେଟିଂକୁ ନେଇ ଅସନ୍ତୋଷ ପ୍ରକାଶ କରି ପ୍ରଶଂସକ ଏପରି କରିଥିବା କୁହାଯାଉଛି। ଅପରପକ୍ଷେ କିଛି ନ୍ୟୁଜ୍ ପୋର୍ଟାଲରେ ପ୍ରକାଶିତ ଖବର ଅନୁଯାୟୀ, ପ୍ରଶଂସକମାନେ ଉତ୍ସାହିତ ହୋଇ ବାଣ ଫୁଟାଇଥିଲେ ଏବଂ ଭୁଲ୍ ବସତଃ ଅଭିନେତାଙ୍କ କଟ୍ଆଉଟ୍ରେ ନିଆଁ ଲାଗି ଯାଇଥିଲା। ତେବେ ଚଳଚ୍ଚିତ୍ରର ଆକ୍ସନ ଦୃଶ୍ୟର ଭିଏଫଏକ୍ସକୁ ନେଇ କିଛି ଦର୍ଶକ ନିରାଶା ପ୍ରକାଶ କରିଛନ୍ତି।

## ଶ୍ରାଦ୍ଧପକ୍ଷରେ ଦାନ

ଶ୍ରାଦ୍ଧପକ୍ଷରେ ଦାନର ମହିମା କଥା କୁହାଯାଇଛି । ପିତୃପକ୍ଷରେ ଏଭଳି କ'ଣ ଦାନ କରିବା ଉଚିତ ? ଏ ସମ୍ପର୍କରେ ପୌରାଣିକ ଗ୍ରନ୍ଥରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ତେବେ ପିତୃପକ୍ଷ ଅବସରରେ ଅନ୍ନ ଦାନ କରିବାର ବିଶେଷ ମହତ୍ୱ ରହିଛି । ଅନ୍ନ ବା ଶସ୍ୟ ମଧ୍ୟରେ ଗହମ, ଚାଉଳ ଆଦି ବ୍ରାହ୍ମଣ ତଥା ଦରିଦ୍ରଙ୍କୁ ଦାନ କରିବା ଉଚିତ । ପିତୃପକ୍ଷ ଅବସରରେ ଭୋକିଲାର ପେଟ ପୂରାଇଲେ ଅଶେଷ ପୁଣ୍ୟ ପ୍ରାପ୍ତ ହୋଇଥାଏ । ଲୁଣ ଦାନ କରିବା ମଧ୍ୟ ଉତ୍ତମ । ଏହାଦ୍ୱାରା ପିତୃପୁରୁଷ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଏହି ଦିନରେ ଲୁଣ ଦାନ କରିବା ବିଶେଷ ଉପଯୋଗୀ । ରାଶି ଦାନ ମଧ୍ୟ ଶ୍ରେଷ୍ଠ ବୋଲି କୁହାଯାଇଛି । ବିଶେଷ କରି କଳା ରାଶି ଦାନ କରିବା ଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ, ସଂକଟ, ବିପଦ ଆଦିରୁ ମୁକ୍ତି ମିଳିଥାଏ । ଆର୍ଥିକ ସମସ୍ୟା ନଥିଲେ ସୁନା, ରୁପା ଆଦି ଧାତୁ ବ୍ରାହ୍ମଣ କିମ୍ବା ଦରିଦ୍ରଙ୍କୁ ଦାନ କରିବା ଆବଶ୍ୟକ । ସୁନା ଦାନ କରିବା ଦ୍ୱାରା ପରିବାରରେ କଳହ-କ୍ଲେଶ ଆଦି ଦୂର ହୋଇଥାଏ । ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ଏହାବ୍ୟତୀତ ପିତୃପକ୍ଷ ଅବସରରେ ଗୁଡ଼, ଘିଅ, ଭୂମି ଆଦି ଦାନ କରାଯାଇପାରିବ । ଗୁଡ଼ ଦାନ କରିବା ଦ୍ୱାରା ଦାରିଦ୍ର୍ୟ ଦୂର ହୋଇଥାଏ । ଘିଅ ଦାନ କରିବା ଦ୍ୱାରା ଶୁଭ ହୋଇଥାଏ । ଭୂମି ଦାନ କରିବା ଦ୍ୱାରା ଆର୍ଥିକ ସ୍ୱଚ୍ଛଳତା ଆସିଥାଏ । ଗୋଦାନ ମଧ୍ୟ ବିଶେଷ ପୁଣ୍ୟଦାୟକ । କାରଣ ଗୋଦାନ କରିବା ଦ୍ୱାରା ସୁଖ-ସମ୍ପତ୍ତି ପ୍ରାପ୍ତ ହୋଇଥାଏ ।



# ଜଣେ ମହାନ ତପସ୍ୱୀର ଗୁଣ

ଜଣେ ଋଷି ତପସ୍ୟାରତ ଥିଲେ । ବର୍ଷ ପରେ ବର୍ଷ ବିତିଯିବା ପରେ ମଧ୍ୟ ତପସ୍ୱୀ ଜଣକ ନିରବିଚ୍ଛିନ୍ନ ଭାବେ ତପ କରିଚାଲିଥିଲେ । ତପସ୍ୟାର ପୂଣ୍ୟରୁ ଧୀରେ ଧୀରେ ତାଙ୍କ ଶରୀର ପରିଷ୍କୃତ ହେଲା, ଚିତ୍ତ ଶୁଦ୍ଧ ହେବାରେ ଲାଗିଲା । ସେହି ଋଷିଙ୍କ ଅନ୍ତକରଣରେ ସତ୍ତୋଗୁଣ ବିରାଜମାନ କରିବା ସହ ଏହାର ପ୍ରଭାବ ବୃଦ୍ଧି ପାଇଲା । ଧୀରେ ଧୀରେ ଋଷିଙ୍କ ତପଶକ୍ତିର ପ୍ରଭାବ ସ୍ୱର୍ଗଲୋକରେ ପହଞ୍ଚିଲା ।

ଦେବରାଜ ଇନ୍ଦ୍ର ଚିନ୍ତିତ ହୋଇପଡ଼ିଲେ । ସେ ନିଜ ଅଧିକାର କ୍ଷେତ୍ର ହରାଇବା ଭୟରେ ଶଙ୍କାଗ୍ରସ୍ତ ହୋଇପଡ଼ିଲେ । ସେହି ଋଷିଙ୍କ ସମ୍ମୁଖରେ ପ୍ରକଟ ହୋଇ ଦେବରାଜ ତାଙ୍କୁ ନିବେଦନ କଲେ 'ହେ ଋଷିବର ଆପଣଙ୍କ ତପସ୍ୟାର ତୀବ୍ରତା ଅଳ୍ପ ହ୍ରାସ କରନ୍ତୁ । ଆପଣଙ୍କ ପୂଣ୍ୟବଳ ବଢ଼ିଗଲେ ମୋ ପଦବୀ ଆପଣଙ୍କ ନିକଟକୁ ଚାଲିଯାଇପାରେ ।

ଋଷି ଜଣକ ସ୍ମିତ ହସି କହିଲେ 'ଦେବରାଜ ! ମୋ ତପସ୍ୟାର ଉଦ୍ଦେଶ୍ୟ ବ୍ୟକ୍ତିତ୍ୱକୁ ସ୍ୱଚ୍ଛ କରିବା ଏବଂ ପରମାତ୍ମାଙ୍କର ଆହୁରି ନିକଟତର ହେବା । କୌଣସି ପଦବୀ ଆଶାରେ ମୁଁ ଏହି ତପସ୍ୟା କରୁନାହିଁ । ଆପଣ ନିଶ୍ଚିନ୍ତ ହୋଇ ନିଜ ରାଜ୍ୟ ଶାସନ ଜାରି ରଖନ୍ତୁ । ସିଦ୍ଧି ପ୍ରାପ୍ତି ନୁହେଁ, ବରଂ ଧର୍ମନିଷ୍ଠ ଜୀବନଶୈଳୀ ପାଳନ ଉଦ୍ଦେଶ୍ୟରେ ତପସ୍ୟା କରାଯିବା ଉଚିତ୍ । ତାଙ୍କ କଥା ଶୁଣି ଇନ୍ଦ୍ରଦେବ କହିଲେ, ବାସ୍ତବରେ ଆପଣ ଜଣେ ମହାନ ତପସ୍ୱୀ । ଯାହା ଆପଣଙ୍କ ଗୁଣରୁ ପ୍ରକଟ ହେଉଛି ।



# ଘରେ କିପରି ରଖିବେ ଲଡୁଗୋପାଳଙ୍କୁ



ଭଗବାନ ଲଡୁଗୋପାଳଙ୍କ ମହିମା ସମସ୍ତଙ୍କୁ ଜଣା। ତେବେ ଯଦି ଘରେ ଲଡୁ ଗୋପାଳଙ୍କୁ ରଖିଛନ୍ତି ବିଧି ଅନୁଯାୟୀ ତାଙ୍କର ପୂଜାର୍ଚ୍ଚନା କରନ୍ତୁ। ଲଡୁ ଗୋପାଳ ଯେଉଁଘରେ ରହିଥାନ୍ତି, ସେହି ଘରକୁ ନିଜ ଘର ବୋଲି ମନେ କରିଥାନ୍ତି। ଘରର ସଦସ୍ୟମାନଙ୍କୁ ନିଜର ବୋଲି ଭାବିଥାନ୍ତି। ଭଗବାନ ଲଡୁ ଗୋପାଳ ନିଜକୁ ପରିବାରର ଜଣେ ସଦସ୍ୟ ଭାବେ ନିଜକୁ ମନେ କରନ୍ତି। ସର୍ବଦା ଶୁଦ୍ଧ କ୍ଷୀରରେ ତାଙ୍କୁ ସ୍ନାନ କରାଇ ସ୍ୱଚ୍ଛ ବସ୍ତ୍ର ପରିଧାନ କରାନ୍ତୁ। ଲଡୁଗୋପାଳଙ୍କୁ ସର୍ବଦା ଝୁଲଣାରେ ଅବସ୍ଥାପିତ କରନ୍ତୁ। ଘରକୁ ଯେକୌଣସି ମିଷ୍ଟାନ୍ନ ଆଣିଲେ ପ୍ରଥମେ ଲଡୁ ଗୋପାଳଙ୍କୁ ଅର୍ପଣ କରନ୍ତୁ। ଘରେ ଥିବା ଲଡୁ ଗୋପାଳଙ୍କର ଏକ ଭିନ୍ନ ନାମ ଦିଅନ୍ତୁ। ତାଙ୍କ ସହିତ ସର୍ବଦା ପ୍ରେମଭକ୍ତି ସହକାରେ କଥାବାର୍ତ୍ତା କରନ୍ତୁ। ପ୍ରେମର ସହ ତାଙ୍କୁ ଭୋଜନ କରାନ୍ତୁ। ପ୍ରତିଦିନ ରାତିରେ ଲଡୁ ଗୋପାଳଙ୍କୁ ଶୟନ କରାନ୍ତୁ। ପ୍ରତିଦିନ ପ୍ରାତଃ ସମୟରେ ପ୍ରେମର ସହ ତାଙ୍କୁ ଜାଗ୍ରତ କରାନ୍ତୁ। ଲଡୁ ଗୋପାଳ କୌଣସି ଘରେ ପ୍ରବେଶ କରାଇବା ବେଳେ ତାଙ୍କ ମଧ୍ୟରେ ପ୍ରାଣ ପ୍ରତିଷ୍ଠା ହୋଇ ଯାଇଥାଏ। ତେଣୁ ତାଙ୍କୁ ଏକ ପ୍ରତୀମା ସ୍ୱରୁପ ନ ମାନି ପରିବାର ସଦସ୍ୟ ଭାବି ଯଥାବିଧି ପୂଜାର୍ଚ୍ଚନା କରନ୍ତୁ ଏବଂ ଲଡୁଗୋପାଳଙ୍କ ଆଶୀର୍ବାଦ ଲାଭ କରନ୍ତୁ।



# ବର୍ଷା ଦିନରେ ସ୍ୱାସ୍ଥ୍ୟର ଯତ୍ନ

ଖରା ଦାଉରୁ ରକ୍ଷା ପାଇବାକୁ ସମସ୍ତେ ଚାତକ ପରି ବର୍ଷାକୁ ଅପେକ୍ଷା କରିଥାନ୍ତି। ବର୍ଷା ହେଲେ ଗରମରୁ ନିସ୍ତାର ମିଳିଥାଏ ସତ କିନ୍ତୁ ଏହା ଅନେକ ରୋଗକୁ ଡାକି ଆଣିଥାଏ। ଏହି ଋତୁକୁ ସଂକ୍ରମଣ ଋତୁ କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବ ନାହିଁ। ଏହି ଦିନରେ ଲୋକମାନେ ଥଣ୍ଡା, ଜ୍ୱର ଆଦି ବିଭିନ୍ନ ରୋଗରେ ପୀଡିତ ହୋଇଥାନ୍ତି। ଏବେ ବର୍ଷାଦିନ ଆରମ୍ଭ ହୋଇଗଲାଣି। ଯଦି ଆମେ ଆରମ୍ଭରୁ ସଜାଗ ନ ହେବା ତାହାଲେ ଆମକୁ ବିଭିନ୍ନ ପ୍ରକାର ରୋଗକୁ ସାମ୍ନା କରିବାକୁ ପଡିବ। ଆଜି ଆପଣଙ୍କୁ ବର୍ଷା ଦିନେ କିପରି ସୁସ୍ଥ ରହିବେ ସେ ବିଷୟରେ କିଛି ଟିପ୍ସ ଦେବୁ। ତାହାଲେ ଜାଣନ୍ତୁ କେଉଁ ସବୁ ଉପାୟ ଅବଲମ୍ବନ କଲେ ଆପଣ ନିଜକୁ ସୁସ୍ଥ ରଖିପାରିବେ।



- ସବୁଠୁ ବଡ଼ ସମସ୍ୟା ହେଲା ଅଚାନକ ଓଦା ହୋଇ ଦୀର୍ଘ ସମୟ ରହିବା। ଏହା ସବୁବେଳେ ବ୍ୟାକ୍ଟେରିଆଲ୍ ଇନ୍ଫେକ୍ସନ୍ କରାଇଥାଏ। ଆଉ ମୁଣ୍ଡ ଓଦା ହେଲେ ଆମକୁ ଶୀଘ୍ର ଥଣ୍ଡା ହୁଏ।
- ବର୍ଷାଦିନେ ଓଦା ନ ହେବାକୁ ଚେଷ୍ଟା କରନ୍ତୁ। କାରଣ ମୁଣ୍ଡ ଓଦା ହେଲେ କେଶ ଶୁଖିବାରେ ଡେରି ହୋଇଥାଏ। ଏଥିପାଇଁ ଆମ ମୁଣ୍ଡ ବିନ୍ଧିଥାଏ।
- ସବୁବେଳେ ଛତା, ରେନକୋଟ ବା ରୁମାଲ୍ ରଖନ୍ତୁ। ବର୍ଷାରେ ବାହାରକୁ ଗଲେ ଆପଣ ଯଦି ଓଦା ହେଇ ଯାଉଛନ୍ତି ତାହାଲେ ସାଙ୍ଗେ ସାଙ୍ଗେ ରୁମାଲରେ ମୁଣ୍ଡକୁ ଭଲ ଭାବେ ପୋଛି ଦିଅନ୍ତୁ।
- ଆଉ ଏକ ବଡ ସମସ୍ୟା ହେଲା ଫଙ୍ଗାଲ୍ ଇନେଫେକସନ ହେବା। ପାଦ ଓଦା ହେବା ଯୋଗୁ ନଖ ମୂଳ ଦରଜ ହୋଇଥାଏ। ଏଥିଯୋଗୁ ତ୍ୱଚା ନରମ ହୋଇ ଚମଡା ଛାଡିବା ସମସ୍ୟା ଦେଖାଦେଇଥାଏ।
- ପାଦ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆପଣ ପାଦ ଓଦା ହେବାକୁ ଦିଅନ୍ତୁ ନାହିଁ। ଓଦା ଜୋତା ମଧ୍ୟ ଅଧିକା ସମୟ ପିନ୍ଧିଲେ ଏହି ସମସ୍ୟାରେ ପଡି ପାରନ୍ତି। ଏଥିପ୍ରତି ଦୃଷ୍ଟି ଦେଲେ ଭଲ।
- ସଫାସୁତୁରା ରହିବା ଉପରେ ଧ୍ୟାନ ଦିଅନ୍ତୁ। ଘରେ ଥିବା ବେସିନ୍ ସବୁବେଳେ ସଫା ସୁତୁରା ରଖନ୍ତୁ। ଏଥିରେ ଯେପରି ଖରା ପଡିବ ଓ ଏହା ଯେମିତି ସବୁବେଳେ ଶୁଖିଲା ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖାଇବା ପିଇବା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଏହା ନହେଲେ ଆପଣ ଶୀଘ୍ର ରୋଗାଗ୍ରସ୍ତ ହୋଇପାରନ୍ତି। ଏଥିପାଇଁ ବର୍ଷା ଋତୁରେ ପ୍ରଚୁର ମାତ୍ରାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତଟକା ପନିପରିବା ଗରମାଗରମ ଖାଇବା ଆବଶ୍ୟକ। ହଳଦୀ, ତୁଳସୀ, ଜାଇଫଳ, ଲବଙ୍ଗ ଆଦିର ବ୍ୟବହାର ମଧ୍ୟ ନିୟମିତ କରନ୍ତୁ।

# ଜନଜାତି ବହୁଳ ଅଞ୍ଚଳମାନଙ୍କରେ ପଞ୍ଜୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର, ୨୭।୯ (ମହାଭାରତ): ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀର ଉଦ୍ଘାଟନୀ ଅଧିବେଶନ ପରେ ଦ୍ୱିତୀୟ ଅଧିବେଶନରେ 'ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଉପସ୍ଥାପନା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏସଂପର୍କିତ ଉପସ୍ଥାପନ କରିଥିଲେ। ସୁଭଦ୍ରାଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ସେ ସମସ୍ତ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ଦର୍ଶାଯାଇଥିଲା ଯେ ଅଦ୍ୟାବଧି ଛପା ଯାଇଥିବା ୧ କୋଟି ୮୯ ଲକ୍ଷ ୩୪ ହଜାର ୧୭୬ ସୁଭଦ୍ରା ଆବେଦନ ଫର୍ମ ମଧ୍ୟରୁ ୧ କୋଟି ୫୭ ଲକ୍ଷ ୧ ହଜାର ୫୫ ଫର୍ମ ବଣ୍ଟନ କରାଯାଇଛି। ଆଜି ତାରିଖ ପର୍ଯ୍ୟନ୍ତ ୯୫ ଲକ୍ଷରୁ ଅଧିକ ଆବେଦନ ପଞ୍ଜିକୃତ ହୋଇସାରିଛି। ସମୁଦାୟ ୨୫ ଲକ୍ଷ ୨୯ ହଜାର ୭୨୦ ସୁଭଦ୍ରା ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୨୫ଲକ୍ଷ ୧୭ ହଜାର ୫୪୫ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏବଂ ୧୨ ହଜାର ୧୭୫ ଜଣଙ୍କୁ ସିବିଡିସି ଜରିଆରେ ଅର୍ଥରାଶି ପଠାଯାଇଛି।



ବିଭିନ୍ନ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତିରେ ଓଡ଼ିଶାର ଗାଁ ଗାଁ ରେ ସୁଭଦ୍ରା ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଛି। ସୋସିଆଲ ପ୍ରୋଟେକସନ ଡେଲିଭେରୀ ପ୍ଲାଟଫର୍ମ (ଏସପିଡିପି) ମାଧ୍ୟମରେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନା (ଏନଏଫଏସ୍ଏସ୍) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସଏଫଏସଏସ) ର ହିତାଧିକାରୀଙ୍କୁ ଯାଞ୍ଚ କରାଯାଉଛି। ଏନଏଫଏସ୍ଏସ୍‌ଓ ଏସଏଫଏସଏସ ରୁ ବାଦ ପଡିଥିବା ହିତାଧିକାରୀଙ୍କୁ କ୍ଷେତ୍ର ଅନୁଧ୍ୟାନ ଦ୍ୱାରା ଯାଞ୍ଚ କରାଯିବ। ସମସ୍ତ ଅନୁମୋଦନ ଓଖାରଜ ଫର୍ମର ତାଲିକା କାରଣ ସହ ସୁଭଦ୍ରା ୱେବ୍ ପୋର୍ଟାଲରେ ଦର୍ଶାଯିବ। ଏସଏମସ ଦ୍ୱାରା ମଧ୍ୟ ସମସ୍ତଙ୍କୁ ଜଣାଇ ଦିଆଯିବ। ରାଜ୍ୟସାରା ଯେଉଁ ଗୁଜବ ଚାଲିଛି ଯେ ବ୍ୟାଙ୍କ ଆକାଉଣ୍ଟରୁ ପଇସା ନ ଉଠେଇଲେ ପଇସା ଆପେ ଆପେ ଫେରସ୍ତ ହେଇଯିବ, ଏପରି କିଛି ବି ବ୍ୟବସ୍ଥା କରାଯାଇ ନାହିଁ ଓ ହିତାଧିକାରୀଙ୍କ ଅର୍ଥ ରାଶି ସେମାନଙ୍କର ବ୍ୟାଙ୍କ ଆକଉଣ୍ଟରେ ସୁରକ୍ଷିତ ରହିବ ବୋଲି ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭାଗର ସମସ୍ତ ଅଧିକାରୀ ଓ ସମସ୍ତ ଜିଲ୍ଲାପାଳଙ୍କୁ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଧନ୍ୟବାଦ ଜଣେଇବା ସହ ଜନଜାତି ବହୁଳ ଅଞ୍ଚଳମାନଙ୍କରେ ସୁଭଦ୍ରା କାର୍ଯ୍ୟକ୍ରମକୁ ପହଁଚାଇବା ପାଇଁ ବ୍ୟାପକ ଜନସଚେତନତାକୁ ପ୍ରାଥମିକତା ଦେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶଦେଇଥିଲେ। ଖୁବ୍ ଶୀଘ୍ର ସୁଭଦ୍ରା ଯୋଜନାରେ ଓଡିଶାର ଏକ କୋଟି ମହିଳାଙ୍କ ପଞ୍ଜିକରଣ ହୋଇଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏକ ସରକାରୀ ଯୋଜନାରେ ଏକ କୋଟି ହିତାଧିକାରୀଙ୍କୁ ଯୋଡିବା ଆମ ପାଇଁ ଏକ ବଡ ଉପଲବ୍ଧି ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଲ୍ଲେଖ କରିଥିଲେ

ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗରେ ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରାଯାଇଥିବାରୁ ସ୍ୱାସ୍ଥ୍ୟ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ପ୍ରଶଂସା କରିବା ସହିତ ଜିଲ୍ଲାସ୍ତରରେ ସର୍ବାଧିକ ସୁଭଦ୍ରା ଫର୍ମ ପଞ୍ଜିକୃତ କରିଥିବା 'ମୋ ସେବା କେନ୍ଦ୍ର' ଓ 'ଜନ ସେବା କେନ୍ଦ୍ର'କୁ ପୁରସ୍କୃତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପ୍ରସ୍ତାବ ଦେଇଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ପଞ୍ଜୀକରଣ ଓ ଯାଞ୍ଚ ପ୍ରକ୍ରିୟା ବ୍ୟବସ୍ଥା ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ କଟକ ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ବିଷୟରେ ଅବଗତ କରାଇଥିଲେ। ସରଳ କାର୍ଯ୍ୟକାରିତା ପାଇଁ 'ମୋ ସେବା କେନ୍ଦ୍ର' ଏବଂ 'ଜନସେବା କେନ୍ଦ୍ର'କୁ ଆଧାର କେନ୍ଦ୍ର ସହ ସଂଯୁକ୍ତ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ସେହିପରି ସୁଭଦ୍ରା ଯୋଜନାକୁ ନେଇ କୋରାପୁଟ ଜିଲ୍ଲାବାସୀ ଉତ୍ସାହିତ ଅଛନ୍ତି ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ କି, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଯଥାଶୀଘ୍ର ପ୍ରଦାନ କରାଯିବ। ୨୦୨୫ ମାର୍ଚ୍ଚ ୮ ତାରିଖ ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ରାଜ୍ୟରେ ନାରୀ ନିର୍ଯାତନା ବଢି ଚାଲିଛି : ନବୀନ

**ଭୁବନେଶ୍ୱର, ୨୭।୯ (ମହାଭାରତ) :** ଦରଦାମ ବୃଦ୍ଧିଠାରୁ ଆରମ୍ଭ କରି ନାରୀ ସୁରକ୍ଷା, ପୁଞ୍ଜି ବିନିଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଓଡିଶାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଆଜି ଶଙ୍ଖ ଭବନ ଠାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକରେ ଭାଷଣ ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏ ସରକାର ଶହେ ଦିନ ପୂରଣ କରିସାରିଲାଣି। କିନ୍ତୁ ସରକାରର ବିଫଳତା ଆଜି ସବୁଆଡେ ନିରାଶା ସୃଷ୍ଟି କରିଛି। ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଅହେତୁକ ଦରବୃଦ୍ଧି ସାଧାରଣ ଲୋକଙ୍କୁ ଘର ଚଳାଇବା କଷ୍ଟ କରି ଦେଲାଣି।

ମହିଳା ମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ନାରୀ ନିର୍ଯାତନା ବଢି ଚାଲିଛି। ଏପରିକି ସରକାରୀ କର୍ମଚାରୀ ମାନେ ମଧ୍ୟ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ପୁରୀ ରାଜଭବନରୁ ଆରମ୍ଭ କରି ଭରତପୁର ଥାନା ପର୍ଯ୍ୟନ୍ତ ଏ ସବୁ ଘଟଣା ସରକାରଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଓଡିଶାରୁ ପୁଞ୍ଜି ଫେରି ଯାଉଛି। ଶିଳ୍ପପତି ମାନଙ୍କର ଓଡିଶା ସରକାର ଭରସା ନାହିଁ। ଏହିପରି ଅନେକ ବିଫଳତା ଶହେ ଦିନର ସରକାରର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବିଜୁ ଜନତା ଦଳ ସଭାପତି ତଥା ବିରୋଧି ଦଳ ନେତା ଶ୍ରୀ ପଟ୍ଟନାୟକ କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଥିଲେ ମିଛ କାହାଣୀ କହି ବିଜେପି ନିର୍ବାଚନରେ ଜିତିଛି। ମିଛ କହି ନିର୍ବାଚନ ଜିତା ଯାଇପାରେ, କିନ୍ତୁ ଲୋକଙ୍କ ହୃଦୟ ନୁହେଁ। ସୁଭଦ୍ରା ଯୋଜନା ହେଉ ବା ମାଗଣା ବିଜୁଳି ବା ଭତ୍ତା ବୃଦ୍ଧି, ବିଜେପିର ମିଥ୍ୟା ପ୍ରତିଶୃତି ଆଜି ସାଧାରଣ ଲୋକଙ୍କୁ ହତଚକିତ କରିଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ବିଜେପି ସରକାରର ବିଫଳତା ଓ ମିଛ ପ୍ରତିଶୃତି ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ଜନତା ଦଳ ଏକ ଦାୟୀତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବରେ କାମ କରୁଛି। ଆମ ପାଇଁ ସାଧାରଣ ଲୋକର ସମସ୍ୟାର ସମାଧାନ ଓ ଓଡିଶାର ସ୍ୱାର୍ଥ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଗତ ଚବିଶ ବର୍ଷ ଭିତରେ ବିଜେଡି ସରକାରର ସଫଳତା ବିଷୟରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ୨୦୦୦ ରୁ ୨୦୨୪ ମସିହା ମଧ୍ୟରେ ଓଡିଶାର ମୁଣ୍ଡପିଛା ରୋଜଗାର ସର୍ବାଧିକ ବୃଦ୍ଧି ଘଟିଛି ଯାହାକି ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଆସାମ ଆଦି ବିଜେପି ଶାସିତ ଡବଲ ଇଞ୍ଜିନ ରାଜ୍ୟମାନଙ୍କ ଠାରୁ ଅଧିକ। ସେହିପରି ମୁଣ୍ଡପିଛା ଋଣ ପରିମାଣ ମଧ୍ୟ ଡବଲ ଇଞ୍ଜିନ ରାଜ୍ୟମାନଙ୍କ ଠାରୁ କମ୍ ରହିଛି।

ଜନ ସମ୍ପର୍କ ପଦଯାତ୍ରା ସମ୍ପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ପ୍ରତିବର୍ଷ ପରି ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ। ଅକ୍ଟୋବର ୬ ରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶେଷ ହେବ। ପୂଜା ପରେ ଅକ୍ଟୋବର ୨୧ ରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଜାରି ରହିବ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅକ୍ଟୋବର ୯ ତାରିଖରୁ ଡିସେମ୍ବର ୯ ତାରିଖ ଦୁଇ ମାସ ପର୍ଯ୍ୟନ୍ତ ସଭ୍ୟ ସଂଗ୍ରହ ଅଭିଯାନ ଜାରୀ ରହିବ ବୋଲି ଘୋଷଣା କରିଥିଲେ। ସୋସିଆଲ ମିଡିଆକୁ ଅଧିକ ସକ୍ରିୟ କରିବା ସହିତ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନର ବିପୁଳ ସଫଳତା ଦିଗରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦଳୀୟ ନେତୃବୃନ୍ଦ ଓ ପଦାଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ସମନ୍ୱୟ କମିଟିର ମୁଖ୍ୟ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।

## ଅକ୍ଟୋବର ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ମିଳିବ ଗହମ

ଭୁବନେଶ୍ୱର, ୨୭।୯ (ମହାଭାରତ): ରାସନ କାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ପୁଣି ରାସନରେ ଯୋଡି ହେଲା ଗହମ। ଅକ୍ଟୋବର ମାସରୁ ହିତାଧିକାରୀମାନେ ପାଇବେ ଗହମ। ମନ୍ତ୍ରୀ ସ୍ତରୀୟ ବୈଠକରେ ଏ ନିଷ୍ପତ୍ତି ହୋଇଛି। ଖାଦ୍ୟ ସୁରକ୍ଷା ଆଇନରେ ଏ ନେଇ ସଂଶୋଧନ କରାଯାଇଛି। ଓଡ଼ିଶା ସମେତ ୯ ରାଜ୍ୟକୁ ମିଳିବ ଗହମ। ଚାଉଳ ସହ ଗହମ ଦିଆଯିବ ବୋଲି ବିଧାନସଭାରେ କହିଥିଲେ ମନ୍ତ୍ରୀ।

## 'ପୋଷଣ ମା' କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, ୨୭।୯ (ମହାଭାରତ): ଭୁବନେଶ୍ୱରରେ ପୋଷଣ ମା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। 'ହର ଘର ପୋଷଣ ତ୍ୟୋହାର' ଥିମ ନେଇ ଓଡ଼ିଶା ସରକାରଙ୍କ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ଦ୍ୱାରା 'ପୋଷଣ ମା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରତିବର୍ଷ ସେପ୍ଟେମ୍ବର ୧ ରୁ ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ତେଣୁ ଏ ବର୍ଷ ମଧ୍ୟ ପାଳନ କରାଯାଇଛି। ଶିଶୁ, ଗର୍ଭବତୀ ମହିଳା, କିଶୋରୀ ମହିଳାମାନେ କିପରି ପୋଷଣ ଯୁକ୍ତ ଖାଦ୍ୟ ପାଇପାରିବେ ସେ ବିଷୟରେ ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଲକ୍ଷ୍ୟ ରହିଛି ବୋଲି ଓଡିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର କମିଶନର ମନ୍ଦାକିନୀ କର କହିଛନ୍ତି।

# ଜନତାତିଙ୍କ ପାଇଁ ଯୋଜନାର ସଫଳ ରୂପାୟନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭।୯ (ମହାଭାରତ):** ଆଜି ଜିଲ୍ଲାପାଳ ସମ୍ମିଳନୀର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ସମ୍ମିଳନୀର ଶୁଭାରମ୍ଭ କରିଛନ୍ତି। ସମ୍ମିଳନୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ। ବର୍ଗ କଲ୍ୟାଣ ବିଭାଗର ବିଭିନ୍ନ ଲୋକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ। ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଉପସ୍ଥିତିରେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଟିଡିସିସିଓଏଲ୍ ର ଏମ୍.ଡି ଡକ୍ଟର ପୋମା ଟୁଡୁ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' କୁ ପ୍ରାଧାନ୍ୟ ଦେଇ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଦିଗଦର୍ଶନରେ ଜନଜାତିମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ଆମ ସରକାରଙ୍କ ପ୍ରାଥମିକତା ରହିଛି। ଜନଜାତିଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସମାଜର ଅନ୍ତିମ ଧାଡ଼ିରେ ଥିବା ବ୍ୟକ୍ତି ନିକଟରେ ସମସ୍ତ ସୁବିଧା ପହଁଚାଇବା ପାଇଁ ଏସବୁ ଯୋଜନାର ତଦାରଖ କରାଯିବାର ଆବଶ୍ୟକତା ରହିଛି ଓ ଶିକ୍ଷାର ବିକାଶ ହେଲେ ଜନଜାତିଙ୍କ ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି।

ପରେ ପରେ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଜନଜାତିଙ୍କ ବିକାଶ ପାଇଁ ନୂତନ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିବଦ୍ଧ ବୋଲି କହିଥିଲେ। ଜନଜାତିମାନଙ୍କ ନିମନ୍ତେ ପ୍ରଣୀତ ବିଭିନ୍ନ ଯୋଜନାଗୁଡ଼ିକର ସଫଳତା ପାଇଁ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏ ଦିଗରେ ନିଷ୍ଠାର ସହିତ କାର୍ଯ୍ୟକରିବା ପାଇଁ ମନ୍ତ୍ରୀ ସିଂ ଖୁଣ୍ଟିଆ। ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଜନଜାତିଙ୍କ ସୁରକ୍ଷାରେ ଜଳ, ଜମି, ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସର୍ବପ୍ରଥମେ 'ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜନଜାତି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ୭୯,୧୫୬ କୋଟି ବ୍ୟୟ ବରାଦରେ ଏହି ଅଭିଯାନକୁ ଅନୁମୋଦନ କରାଯାଇଛି। ଗ୍ରାମାଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଜନଜାତି ପରିବାରମାନଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଜନଜାତି ସମ୍ପ୍ରଦାୟର ଜୀବନଜୀବିକା ତଥା ସାମଗ୍ରିକ ଉନ୍ନତି ପାଇଁ ଏହା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ପକ୍କା ଘର, ଉନ୍ନତ ଗ୍ରାମ୍ୟ ସଂଯୋଗୀକରଣ ଏବଂ ଅତ୍ୟାବଶ୍ୟକ ସେବା ଯଥା- ବିଦ୍ୟୁତ୍, ଜଳ ଏବଂ ମୋବାଇଲ୍ ସଂଯୋଗ ସୁବିଧା ସହିତ ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦିଆଯିବ। ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା, ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ରଣନୀତି ଅନ୍ତର୍ଭୁକ୍ତ। ଜନଜାତି ହୋମ୍ ଷ୍ଟେ ଭଳି ଅଭିନବ କାର୍ଯ୍ୟକ୍ରମ ପର୍ଯ୍ୟଟନ ସମ୍ଭାବନାକୁ ବୃଦ୍ଧି କରିବ। ଅଭିଯାନରେ ନିରନ୍ତର ଜୀବନଜୀବିକା ପାଇଁ ଜଙ୍ଗଲ ଅଧିକାର ଅଧିନିୟମ ଅନ୍ତର୍ଗତ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହି ଯୋଜନା ଅଧିନରେ ମଧ୍ୟ ସରକାରୀ ଆବାସିକ ବିଦ୍ୟାଳୟଗୁଡ଼ିକର ନବୀକରଣ ଏବଂ ରକ୍ତହୀନତା ରୋଗର ଚିକିତ୍ସା ପାଇଁ ଅତ୍ୟାଧୁନିକ ନିଦାନ ସୁବିଧାକୁ ପ୍ରାଧାନ୍ୟ ଦିଆଯିବ।



ଓଡିଶାର ୧୪ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ପିଏମ୍-ଜନମନ ଯୋଜନା। ଏହି ଯୋଜନାରେ ବିଶେଷ ଭାବେ ଅନୁନ୍ନତ ଜନଜାତି (ପିଭିଟିଜି) ଅଂଚଳରେ ମୌଳିକ ଭିତ୍ତିଭୂମିରେ ଉନ୍ନତି ଆଣିବା ସହିତ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବିକା ନିର୍ବାହରେ ସୃଷ୍ଟି ହେଉଥିବା ସମସ୍ୟାକୁ ଦୂର କରିବାକୁ ଲକ୍ଷ୍ୟ ରଖାଯାଇଛି। ବନ ଧନ ବିକାଶ କେନ୍ଦ୍ର ଓ ବହୁମୁଖି କେନ୍ଦ୍ର ପ୍ରତିଷ୍ଠା ସମେତ ୯ ଟି ବିଭାଗର ୧୧ ଟି ପ୍ରମୁଖ କାର୍ଯ୍ୟକ୍ରମ ଉପରେ ଓଡ଼ିଶା ବିଶେଷ ଭାବରେ ଗୁରୁତ୍ୱ ଦେବ। ଶତ ପ୍ରତିଶତ ବିକାଶ ନିମନ୍ତେ ମୋଟ ୬୫ ଟି ଜନଜାତି ବହୁଳ ଗ୍ରାମକୁ ମଡେଲ୍ ପିଭିଟିଜି ଗ୍ରାମ ଭାବେ ବିକଶିତ କରିବା ପାଇଁ ଚୟନ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ କେନ୍ଦ୍ର ଜନଜାତି ମନ୍ତ୍ରାଳୟ ଦ୍ୱାରା ୪୩ ଟି ବନ ଧନ ବିକାଶ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅନୁମତି ମିଳିଥିବା ବେଳେ ୧୩ ଟି ଜିଲ୍ଲାରେ ୨୨ ଟି ବ୍ୟବସାୟିକ ଯୋଜନାକୁ ଅନୁମୋଦନ ମିଳିଛି। ଏଥିସହ ୬୧ ଟି ବହୁମୁଖି କେନ୍ଦ୍ର ପାଇଁ ଅନୁମତି ମିଳିଥିବା ବେଳେ ପିଏମ୍-ଜନମନର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅକ୍ଟୋବର ୨ ତାରିଖରେ ୫୬ ଟି ବହୁମୁଖି କେନ୍ଦ୍ରର ଶିଳାନ୍ୟାସ କରାଯିବ।

# ବୁଣାକାର ବନ୍ଧୁମାନେ ଆମ ସଂସ୍କୃତିର ବାର୍ତ୍ତାବହ : ମନ୍ତ୍ରୀ

ଭୁବନେଶ୍ୱର, ୨୭।୯ (ମହାଭାରତ): ଭୁବନେଶ୍ୱରସ୍ଥିତ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦଠାରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଯୋଗ ଦେଇ ଆଜି ୨ ଜଣ ସନ୍ଥ କବୀର ଓ ୩ ଜଣ ଜାତୀୟ ହସ୍ତତନ୍ତ ପୁରସ୍କାରପ୍ରାପ୍ତ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଇ ଅବସରରେ ସେ କହିଛନ୍ତି, ବୁଣାକାର ବନ୍ଧୁମାନେ ଆମ ସଂସ୍କୃତିର ବାର୍ତ୍ତାବହ। ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାର ସଂରକ୍ଷକ। ଏହି ସମାରୋହରେ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଯୋଗ ଦେଇ କହିଛନ୍ତି, ଜାତୀୟ ସମ୍ମାନରେ ସମ୍ମାନୀତ ହୋଇ ସେମାନେ କେବଳ ରାଜ୍ୟ ପାଇଁ ଗୌରବ ଆଣି ନାହାନ୍ତି, ଉତ୍ତର ପିଢ଼ି ପାଇଁ ପ୍ରେରଣା ସାଜିଛନ୍ତି। ନିରନ୍ତର ନିଷ୍ଠା ଓ ସୃଜନଶୀଳତା ପାଇଁ ପୁରସ୍କୃତ ହୋଇଥିବା ୫ଜଣ ବୁଣାକାରଙ୍କୁ ସେ ବିଭାଗ ପକ୍ଷରୁ କୃତଜ୍ଞତା ଜଣାଇଥିଲେ।

୨୦୨୩-୨୪ ବର୍ଷ ପାଇଁ ସନ୍ଥ କବୀର ପୁରସ୍କାର ସମ୍ମାନରେ ସମ୍ମାନୀତ ବରଗଡ଼ ଜିଲ୍ଲାର ଶ୍ରୀ ହରିଲାଲ ମେହେର ଓ ଶ୍ରୀ ରାମକଷ୍ଟ ମେହେର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ବିଜେତା ସୁବର୍ଣ୍ଣପୁର ଜିଲ୍ଲାର ଶ୍ରୀ ରସାନନ୍ଦ ମେହେର, ଶ୍ରୀ ଶ୍ୟାମ ସୁନ୍ଦର ମେହେର ଓ ଶ୍ରୀ ଉତ୍ତମ କୁମାର ମେହେରଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ମାନ୍ୟବର ମନ୍ତ୍ରୀ।

ସୂଚନାଯୋଗ୍ୟ, ଓଡ଼ିଶା ହସ୍ତତନ୍ତର ଐତିହ୍ୟ ଓ ସମୃଦ୍ଧ ପରମ୍ପରାର ସଂରକ୍ଷଣ ତଥା ପ୍ରୋତ୍ସାହନରେ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏମାନେ ପୁରସ୍କୃତ ହୋଇଥିଲେ।

ଏହି ସମାରୋହରେ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ହସ୍ତଶିଳ୍ପର ନିର୍ଦ୍ଦେଶିକା ତଥା ବୟନିକାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଣତି ଛୋଟରାୟ, ବୟନଶିଳ୍ପ ଓ ହସ୍ତତନ୍ତର ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁଙ୍କ, ମାନନୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

# ଆନ୍ତଃ ଗଣମାଧ୍ୟମ ପ୍ରଚାର ସମିତି ବୈଠକ

**ଭୁବନେଶ୍ୱର, ୨୭।୯ (ମହାଭାରତ):** କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶାରେ କାର୍ଯ୍ୟରତ ବିଭିନ୍ନ ବିଭାଗ ଏବଂ ଅନ୍ୟ କେନ୍ଦ୍ରୀୟ କାର୍ଯ୍ୟାଳୟ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମିତି ବୈଠକ ଆଜି ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିଆଇବିର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ସଫଳତାର ବିସ୍ତୃତ ପ୍ରଚାରପ୍ରସାର ଲାଗି ଆପୋସ ସମନ୍ୱୟ ଏବଂ ସହଯୋଗ ବୃଦ୍ଧି ନେଇ ବୈଠକରେ ସହମତି ହୋଇଛି। ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ବର୍ତ୍ତମାନ ଜାରି ରହିଥିବା 'ସ୍ୱଚ୍ଛତା ହିଁ ସେବା ଅଭିଯାନ' ଅଧୀନରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଭିଯାନ ସମ୍ପର୍କରେ ସଚେତନତାକୁ ଆହୁରି ବ୍ୟାପକ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନର କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମର ଅଧିକ ପ୍ରଚାରପ୍ରସାର ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

# ଧାନ ସଂଗ୍ରହ କାର୍ଯ୍ୟକୁ ସରଳ ଓ ତ୍ୱରାନ୍ୱିତ କରିବା ନିମନ୍ତେ ପରାମର୍ଶ

ଭୁବନେଶ୍ୱର, ୨୭।୯ (ମହାଭାରତ): ଲୋକସେବା ଭବନର କନଭେନସନ ହଲରେ ଆଜି ଆୟୋଜିତ ଜିଲ୍ଲାପାଳ ସମ୍ମିଳନୀରେ ଯୋଗଦେଇ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଧାନ ସଂଗ୍ରହ କାର୍ଯ୍ୟକୁ ସରଳ ଓ ତ୍ୱରାନ୍ୱିତ କରିବା ନିମନ୍ତେପରାମର୍ଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଯେଉଁ ଜିଲ୍ଲାର ମଣ୍ଡିଗୁଡିକରେ କୌଣସି କାରଣ ବଶତଃ ଧାନ ସଂଗ୍ରହ ହୋଇପାରୁନାହିଁ, ସେହି କ୍ଷେତ୍ରରେ ନିକଟତମ ଜିଲ୍ଲାର ମଣ୍ଡିରେ ଋଷୀମାନେ ନିଜର ଧାନକୁ ବିକ୍ରି କରିପାରିବେ। ସଂଗୃହିତ ଧାନର ଅନଲାଇନ ପଞ୍ଜୀକରଣ ହେବ ଆବଶ୍ୟକ। ଧାନ ନେଇ ଯାଉଥିବା ଗାଡି ଗୁଡିକର ଜିପିଏସ ଟ୍ରାକିଂ କରାଯିବ। ଯେପରିକି ଏଥିରେ କୌଣସି ଟାମ୍ପରିଂନ ହେବ। ମିଲରମାନଙ୍କ ତରଫରୁ ଋଷୀଙ୍କୁ ଝୋଟ ବସ୍ତା ଓ ସୁତୁଳି ଯୋଗାଇଦିଆଯିବ। ଗଚ୍ଛିତ ଫସଲର ସୁରକ୍ଷା ପାଇଁ ୫୮ଟି ଶୀତଳ ଭଣ୍ଡାର ରାଜ୍ୟରେ ଖୁବ ଶୀଘ୍ର ଖୋଲାଯିବ। ରାଜ୍ୟର ଋଷୀମାନେ କେବଳ ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏକାଧିକ ଫସଲ ଜୈବିକ ଉପାୟରେ କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି। ଋଷୀଙ୍କ ହିତକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏଗ୍ରି ଷ୍ଟାକ ଆପ ସୃଷ୍ଟି କରାଯାଇଛି। ଏଥିରେ ଋଷୀ ଓ ଋଷ ଜମିର ପଞ୍ଜୀକରଣ ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଜମିପଟ୍ଟା ଥିବା ସମସ୍ତ ଋଷଜମିର ମାଲିକ ଏଥିରେ ପଞ୍ଜୀକରଣ କରିପାରିବେ। ସରକାରଙ୍କ



ତରଫରୁ ଡିଜିଟାଲ ଫସଲ ସର୍ବେକ୍ଷଣ ଦ୍ୱାରା ମଧ୍ୟ ଋଷୀଙ୍କ ତଥ୍ୟ ସଂଗ୍ରହ କରାଯାଇ ଏଥିରେ ଉପଲବ୍ଧ କରାଯିବ।

ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଧାନ ସଂଗ୍ରହ ବେଳେ କଟନୀ-ଛଟନୀରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ଦୃଢ ତଦାରଖ ବ୍ୟବସ୍ଥା ଗ୍ରହଣ କରିବାକୁ ଗୁରୁାରୋପ କରିଥିଲେ। ମନ୍ତ୍ରୀ ଶ୍ରୀ ସାମନ୍ତ କହିଥିଲେ ଯେ, ଧାନ ସଂଗ୍ରହ କେନ୍ଦ୍ରର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର ଆସିବ। ଶତପ୍ରତିଶତ ସିସିଟିଭି ତଦାରଖ ବ୍ୟବସ୍ଥା ସହ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ଆବଶ୍ୟକୀୟ ଆଲୋକ, ପିଣ୍ଡି ଉପରେ ଛାତ, ବିଶ୍ରାମ ଗୃହ ଆଦି ମୌଳିକ ସୁବିଧା ସୁନିଶ୍ଚିତ କରାଯିବ। କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ ସ୍ୱୟଂ ଚାଳିତ ଯନ୍ତ୍ର ମାଧ୍ୟମରେ ଧାନର ଓଜନ କରାଯିବ। ଫଳରେ ଋଷୀ ତାର ଉପଯୁକ୍ତ ପାଉଣା ପାଇବ ବୋଲି ମନ୍ତ୍ରୀ କହିଥିଲେ।

ଋଷୀମାନଙ୍କ ମଙ୍ଗଳତଥା ସହଜ ଓ ସୁବିଧାରେ ଧାନ ସଂଗ୍ରହ ପାଇଁ ସମବାୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ତଥ୍ୟଉପସ୍ଥାପନ କରିଥିଲେ। ଜଣେ ନୋଡାଲ ଅଧିକାରୀ ଓ ସୁପରଭାଇଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକମଣ୍ଡି ପରିଚାଳିତ ହେବ। ଋଷୀଙ୍କୁ ତାଙ୍କର ପ୍ରାପ୍ୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରୁ ବଞ୍ଚିତ କରୁଥିବାମିଲର, ଦଲାଲ କିମ୍ବା ମଧ୍ୟସ୍ଥିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସଂଗୃହିତ ଧାନର ସଂରକ୍ଷଣ ପାଇଁ ଆବଶ୍ୟକୀୟ ଗୋଦାମ ଗୃହ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୁଦ୍ର, ମଧ୍ୟମ ଓ ବୃହତ ବର୍ଗରେ ରାଜ୍ୟରେ ସର୍ବମୋଟ ୪୦୦୬ଟି ମଣ୍ଡିରେଖରିଫ ଋତୁ ପାଇଁ ଧାନ ସଂଗ୍ରହ କରାଯିବ।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜିଲ୍ଲାପାଳ ସମ୍ମିଳନୀକୁ ସମ୍ବୋଧିତ କରି ଋଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରାଖି ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କରିଥିଲେ ଏମନ୍ତ୍ରୀ ଶ୍ରୀ ପାତ୍ର ଆହୁରି ମଧ୍ୟ କହିଲେ ଯେ, ଆସନ୍ତା ଦୁଇ ମାସ ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଧାନ କିଣା ପ୍ରକ୍ରିୟାରେ କୌଣସି ମଧ୍ୟସ୍ଥି କିମ୍ବା କଟଣି-ଛଟଣୀକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ମଧ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଋଷୀ ମାନଙ୍କ ଠାରୁ ଏଫଏକ୍ୟୁ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ ସଂଗ୍ରହ କରିବା ସହ ସେମାନଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପ୍ରତି ଜିଲ୍ଲାପାଳ ମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ଫେଲୋସିପ୍

**ଭୁବନେଶ୍ୱର, ୨୭।୯ (ମହାଭାରତ) :** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ସମ୍ମାନସୂଚକ ଫେଲୋସିପ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଠାରେ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ 'ଫାୟାର ଇଣ୍ଡିଆ ୨୦୨୪' ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ଫେଲୋସିପ ପ୍ରଦାନ କରାଯାଇଛି। ଦୀର୍ଘ ୩ ଦଶନ୍ଧି ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ଫେଲୋସିପ ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ମାସରେ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଫାୟାର୍ ଇଞ୍ଜିନିୟର୍ସ କାର୍ଯ୍ୟକାରିଣୀ ପରିଷଦର ଜୁରି ସଦସ୍ୟଙ୍କ ଦ୍ୱାରା ଶ୍ରୀ ସାମନ୍ତଙ୍କ ନାମ ଚୟନ କରାଯାଇଥିଲା।




## ଓଡିଶା ନର୍ସିଂ କର୍ମଚାରୀ ସଂଘଙ୍କ ଆନ୍ଦୋଳନ ଜାରି

ଭୁବନେଶ୍ୱର, ୨୭।୯ (ମହାଭାରତ): ଓଡିଶା ନର୍ସିଂ କର୍ମଚାରୀ ସଂଘଙ୍କ ଆନ୍ଦୋଳନ ଜାରି ରହିଛି। କ୍ୟାପିଟାଲ ହସ୍ପିଟାଲ ପରିସରରେ ନର୍ସ ମାନେ କାର୍ଯ୍ୟ ବନ୍ଦ ଡାକରା ଦେଇଛନ୍ତି। ବନ୍ଦ ହୋଇ ପଡିଛି ଏମରଜେନ୍ସି ସେବା। ୧୦ ଦଫା ଦାବି ନେଇ ଆନ୍ଦୋଳନରେ ବସିଛନ୍ତି। ୨୫ ତାରିଖରୁ ଆରମ୍ଭ ହୋଇଛି ଆନ୍ଦୋଳନ। ସରକାରଙ୍କୁ ଏ ବାବଦରେ ଜଣାଇଥିଲେ। କିନ୍ତୁ ସରକାର ନ ଶୁଣିବାରୁ ଅଟଳ ହୋଇ ରହିଛନ୍ତି ନର୍ସ। ଏବେ ଓଡିଶା ସାରା ସବୁ ହସ୍ପିଟାଲରେ ବନ୍ଦ ପଡିଛି କାମ। ଆଉଟ ସୋରସିଂ ଉଚ୍ଛେଦ, କମ୍ପେନସେଟୋରି ଲିଭ ଦିଆଯାଉ, ୨୦୧୩ ପୂର୍ବରୁ ଚୁକ୍ତିଭିତିକ ଭାବେ କାମ କରିଥିବା ନର୍ସିଂ ଅବଧିକୁ ମୂଳ ଚାକିରୀରେ ମିଶେଇବାକୁ ଦାବି ମଧ୍ୟ ରହିଛି।

## ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୯ (ମହାଭାରତ): ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କୁ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କ ସହ ଔପଚାରିକ ସାକ୍ଷାତ ହୋଇଛି। ସହଭାଗୀ ମୂଲ୍ୟବୋଧ ଏବଂ ଓଡିଶା ଏବଂ ଦେଶର ଅଗ୍ରଗତି ଉପରେ ଆଲୋଚନା ହୋଇଛି।

# ସାତସପନ 'ସ୍ୱଦେଶ ଦର୍ଶନ'

ବାଟବଣା ହେଲାଣି ବୁଦ୍ଧିଷ୍ଟ ସର୍କିଟ। ବୃଦ୍ଧ ହେଲାଣି ବୌଦ୍ଧପୀଠ। ବୁଦ୍ଧ ପର୍ଯ୍ୟଟନକୁ ନେଇ ବିରାଟ ପରିକଳ୍ପନା, ହେଲେ ଫଳ ଶୂନ। କେବଳ ଚର୍ଚ୍ଚା, ଆଲୋଚନା। କାଗଜପତ୍ରରେ ସୀମିତ କାମ। ବିଶ୍ୱ ପର୍ଯ୍ୟଟନ ଦିବସର ବାର୍ତ୍ତା 'ପର୍ଯ୍ୟଟନ ଓ ଶାନ୍ତି ' ଥିଲାବେଳେ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା ବାଣ୍ଟୁଥିବା ଶାନ୍ତିସ୍ଥଳ ଶ୍ରୀହୀନ ଓ ଅସଜଡ଼ା ହୋଇ ରାଜନୈତିକ ଇଚ୍ଛାଶକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅସଜଡ଼ା ପର୍ଯ୍ୟଟନସ୍ଥଳୀ, ସରକାର ପର୍ଯ୍ୟଟନର ବିକାଶ ନେଇ କେତେଦୂର ସଚେତନ ବାସ୍ତବ କ୍ଷେତ୍ରରେ ତାହାକୁ ପ୍ରମାଣିତ କରୁଛି। ' ସ୍ୱଦେଶ ଦର୍ଶନ ' ଯୋଜନା ଅଧୀନରେ ବୁଦ୍ଧିଷ୍ଟ ସର୍କିଟକୁ ସାମିଲ କରିବା ପାଇଁ ବହୁବାର ଦାବି ଉଠିଛି। ଧଉଳିର ଶନ୍ତିସ୍ତୁପ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା ବୌଦ୍ଧ କୀର୍ତ୍ତିରାଜୀ ଓ ମୂର୍ତ୍ତିର ଅନନ୍ୟ ଆକର୍ଷଣ ରାଜ୍ୟ, ଦେଶ ତଥା ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ଐତିହାସିକ ଓ ଗବେଷକମାନେ ମଧ୍ୟ ତଥ୍ୟର ଅନୁସନ୍ଧାନ ପାଇଁ ଉତ୍ସାହିତ ହୋଇଥାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କ ଉଦାସୀନତାରୁ ବିକାଶ ବାଧାପ୍ରାପ୍ତ ହୋଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ,ନବୀନ ପଟ୍ଟନାୟକ ୨୦୧୫ ମସିହା ଅକଟୋବରରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ,ମହେଶ ଶର୍ମାଙ୍କୁ ଚିଠି ଲେଖି 'ସ୍ୱଦେଶ ଦର୍ଶନ ' ଯୋଜନାରେ ଓଡିଶାକୁ ଯୋଡିବା ସହିତ ବୁଦ୍ଧିଷ୍ଟ ସର୍କିଟର ବିକାଶ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ନିବେଦନ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ। ପରେ ୨୦୨୧ ଅକଟୋବରରେ କେନ୍ଦ୍ର ମନ୍ତ୍ରୀ,ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୂପ ଦାବି ଜଣାଇଥିଲେ । ୨୦୧୫ରେ ଦେଶର ୩ଟି ବୁଦ୍ଧିଷ୍ଟ ସର୍କିଟ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ ହୋଇଥିଲା। ବୁଦ୍ଧିଷ୍ଟ ହେରିଟେଜ ଟ୍ରେଲସ (ଷ୍ଟେଟ ସର୍କିଟ୍ସ )ରେ ୧୨ଟି ରାଜ୍ୟ ମଧ୍ୟରେ ୮ ନମ୍ବରରେ ଓଡିଶା ଥିଲା ଯେଉଁଥିରେ ହୀରକ ତ୍ରିଭୁଜ ରତ୍ନଗିରି,ଲଳିତଗିରି ଓ ଉଦୟଗିରି ଏବଂ ଧଉଳି,ଲଙ୍ଗୁଡ଼ି ଓ ଖଣ୍ଡଗିରି ଅନ୍ତର୍ଭୁକ୍ତ ଥିଲା। ବୁଦ୍ଧିଷ୍ଟ ସର୍କିଟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିବର୍ଷ ରାଜ୍ୟରେ ' କଳିଙ୍ଗ ଆନ୍ତର୍ଜାତିକ ବୁଦ୍ଧିଷ୍ଟ ସମ୍ମିଳନୀ ' ଆୟୋଜିତ ହେଉଥିଲା। ଏଥିରେ ଓଡ଼ିଶାର ବୁଦ୍ଧିଷ୍ଟ ଐତିହ୍ୟ ଏବଂ ପର୍ଯ୍ୟଟନ ଉପରେ ବିଶଦ ଆଲୋଚନା ହେଉଥିଲା। ନେପାଳ, ମାଲେସିଆ, ଭିଏତନାମ, ଶ୍ରୀଲଙ୍କା ଭଳି ବହୁ ଦେଶରୁ ଟୁ୍ୟ ଅପେରଟର୍ସ, ବିଦ୍ୱାନ ଓ ବୌଦ୍ଧଭିକ୍ଷୁ ଆସୁଥିଲେ ଓ ମାତ୍ର ୨୦୧୭ରେ ଚତୁର୍ଥ ଥର ପାଇଁ ଆୟୋଜିତ ହୋଇ ବନ୍ଦ ହୋଇଯାଇଛି । ସରକାରୀ ତଥ୍ୟ ଅନୁଯାୟୀ ଏଯାବତ ମାତ୍ର ୪ଟି ସ୍ଥାନକୁ ଭିନ୍ନ ଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ୨୦୨୦-୨୧ ବର୍ଷରେ ଉଦୟଗିରି,ରତ୍ନଗିରି,ଲଙ୍ଗୁଡ଼ି ଓ ଜିରାଙ୍ଗରେ ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା ।୨୦୨୨-୨୩ ମସିହାରେ ମଧ୍ୟ କିଛି ଅର୍ଥ ମଞ୍ଜୁର ହୋଇଥିଲା। ଶନ୍ତିସ୍ତୁପ ଧଉଳିର ସୁବର୍ଣ୍ଣ ଜୟନ୍ତୀ,ଏହାର ବିକାଶ ଏବଂ ନବୀକରଣ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେଇଥିଲେ ସରକାର। ଜି -୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ,ମେଘୱାଲ ଓଡ଼ିଶାର ବୁଦ୍ଧିଷ୍ଟ ସର୍କିଟ ଯୋଡିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ରହିଥିବାର ସୂଚନା ଦେଇଥିଲେ କ୍ଷ କିନ୍ତୁ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଗଲା। ସେହିପରି ମହାପରିନିର୍ବାଣ ଏକ୍ସପ୍ରେସକୁ ପୁରୀ ପର୍ଯ୍ୟନ୍ତ ସାମ୍ପ୍ରସାରିତ କରିବାକୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ପାଖାପାଖି ୨୦୦ଟି ସ୍ଥାନ ଐତିହ୍ୟ ସମ୍ବଳିତ ବୁଦ୍ଧ ପରମ୍ପରା ସହିତ ଯୋଡି ହୋଇ ରହିଛି। ଏହା ବ୍ୟତୀତ ଅନେକ ସ୍ଥାନ ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ଖନନ ହୋଇଛି ହେଲେ ଲୋକଲୋଚନ ଆଢୁଆଳରେ ରଖାଯାଇଛି। ଉପମୁଖ୍ୟମନ୍ତ୍ରୀ,ପ୍ରଭାତୀ ପରିଡା ବିଧାନସଭାରେ ଉପସ୍ଥାପିତ କରିଥିବା ଏକ ତଥ୍ୟ ଅନୁସାରେ ୨୦୨୩-୨୪ ବର୍ଷରେ ଓଡିଶାକୁ ପାଖାପାଖି ୧ କୋଟି ୧୫ ହଜାର ପର୍ଯ୍ୟଟକ ଆସିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପୁରୀ ଶ୍ରୀକ୍ଷେତ୍ରକୁ ଆସିଛନ୍ତି। ବୁଦ୍ଧିଷ୍ଟ ସର୍କିଟ ଯୋଡ଼ାଗଲେ ଓ ରେଳ ସଂଯୋଗ ସହିତ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେଲେ ବୌଦ୍ଧଧର୍ମାବଲମ୍ବୀ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଓଡିଶା ପର୍ଯ୍ୟଟନରେ ଆସିବେ ଯାହା ଦ୍ୱାରା ଅର୍ଥନୀତି ସମୃଦ୍ଧ ଓ ବିକଶିତ ହେଇପାରିବ।

# ବର୍ଷାଦିନେ ପିଲାଙ୍କ ପାକସ୍ଥଳୀ ସମସ୍ୟା

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ତ୍ତମାନ ବର୍ଷାର ପାର୍ଦୁଭାବ ଦେଖିବାକୁ ମିଳିଛି। ପ୍ରାୟତଃ ଏହି ବର୍ଷା ଦିନରେ ବିଶେଷକରି ଲଗାଣ ବର୍ଷା ସମସ୍ୟା ପିଲାମାନଙ୍କ ଦେହପା ଜନିତ ଅନେକ ଯନ୍ତ୍ରଣାକୁ ନିମନ୍ତ୍ରଣ କରିଥାଏ। ଏହି ସମୟରେ ପିଲାମାନଙ୍କର ପ୍ରାୟତଃ ପାଟିଟକଳା ଅଭ୍ୟାସ ପାଇଁ ସେମାନେ ନିଜ ନିୟମିତ ଖାଦ୍ୟାଭାସ ଓ ବାହାର ଖାଦ୍ୟର ନିୟନ୍ତ୍ରଣ ନକରି ପାରିବା କାରଣ ପାଇଁ ବିଭିନ୍ନ ପେଟ ରୋଗର ସମ୍ମୁଖୀନ ହୋଇଥାନ୍ତି। ବର୍ଷାଋତୁ ପିଲାମାନଙ୍କୁ କେବଳ ଚର୍ମ ଓ ଶ୍ୱାସ ସମସ୍ୟାରେ ସଂକ୍ରମିତ କରେ ନାହିଁ, ବରଂ ଏହି ସମୟରେ ପିଲାଙ୍କ ପେଟଗୋଳମାଳ ସମସ୍ୟା ଅଧିକ ଦେଖିବାକୁ ମିଳେ। ଏହି ଦିନେ ୩ରୁ ୧୦ ବର୍ଷ ବୟସର ପିଲାଙ୍କ ମଧ୍ୟରେ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ୪୦% ବୃଦ୍ଧି ପାଇଥାଏ। ଅପରିଷ୍କାର ପାଣି ଓ ଖାଦ୍ୟ ଯୋଗୁଁ ପିଲାଙ୍କ ଠାରେ ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ (ଷ୍ଟୋମାକ ଫ୍ଲୁ), କଲେରା ଓ ଭାଇରାଲ ହେପାଟାଇଟିସ କାରଣରୁ ଜଣ୍ଡିସ ଓ ଟାଇଫଏଡ଼ ସମସ୍ୟା ଦେଖାଦିଏ। ରୋଗର ଲକ୍ଷଣ ଅନୁସାରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପିଲାର ଚିକିତ୍ସା କରାଇବା ଉଚିତ।

ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ (ଷ୍ଟୋମାକ ଫ୍ଲୁ) ହେଉଛି ନରଓ୍ୱାକ ଓ ରୋଟାଭାଇରସ ଭଳି ଜୀବାଣୁ। ଏହି ଜୀବାଣୁରୁ ପିଲାଙ୍କ ହଜମ ପ୍ରକ୍ରିୟାରେ ଉତ୍ତେଜନା ଓ ପ୍ରଦାହ ହୋଇଥାଏ। ପରିଚ୍ଛନ୍ନତା ଅଭାବରୁ ଝାଡ଼ା, ପ୍ରଦୂଷିତ ଜଳରୁ ଭାଇରାଲ ଜ୍ୱର ହେପାଟାଇଟିସ ସୃଷ୍ଟି ହୋଇପାରେ। ଜଣ୍ଡିସ ହେଉଛି ଆଉ ଏକ ଜଟିଳତା। ଏହାଦ୍ୱାରା ତୀବ୍ର ଯକୃତ ପ୍ରଭାବିତ ମଧ୍ୟ ହୋଇଥାଏ। ପେଟ ବ୍ୟଥା, ପେଟ ଫାମ୍ପିବା, ବାନ୍ତି, ଦୁର୍ବଳତା, ଜ୍ୱର, ତରଳ ଝାଡ଼ା ମଧ୍ୟ ଏହାର ଲକ୍ଷଣ ହୋଇପାରେ। ବିଶେଷ କରି ୩ରୁ ୧୦ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କ ପ୍ରତି ଅଧିକ ବିପଦ ରହିଥାଏ। ଏନେଇ ଭୁବନେଶ୍ୱର, ଅଙ୍କୁର ହସପିଟାଲର ପରାମର୍ଶଦାତା ପେଡ଼ିଆଟ୍ରିକ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଓ ହେପାଟୋଲୋଜିଷ୍ଟ ଡା.କଳ୍ପନା ପଣ୍ଡାଙ୍କ କହିବାନୁଯାୟୀ ବର୍ଷାଦିନେ ପିଲାଙ୍କ ଚର୍ମର ଶ୍ୱାସ ସଂକ୍ରମଣ ପରି ପେଟ ଗୋଳମାଳ ସାଧାରଣ କଥା। ଅନ୍ୟ ଦିନ ତୁଳନାରେ ଏହି ଦିନେ ପିଲାଙ୍କ ଖାଦ୍ୟପେୟ ପରିଚ୍ଛନ୍ନତା ଓ ଉପଯୁକ୍ତ ଯତ୍ନ ସହ ଯେକୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖିବା ମାତ୍ରେ ତୁରନ୍ତ ଚିକିତ୍ସା ପ୍ରଦାନ ଜରୁରୀ। ସେମାନଙ୍କୁ ଫୁଟା ପାଣି ପିଇବାକୁ ଦେବା ସହ ଘରେ ୱାଟରପ୍ୟୁରିଫାୟର ଲଗାନ୍ତୁ। ପିଲାଙ୍କୁ ବାହାର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁନି। ସେହିପରି କଞ୍ଚା ବା ଅଳ୍ପ ରନ୍ଧା ଖାଦ୍ୟ ବଦଳରେ ଖାଦ୍ୟରେ ପ୍ରୋବାୟୋଟିକ ଅନ୍ତର୍ଭୁକ୍ତ କରିବା ଭଲ। ସର୍ବଦା ପନିପରିବାକୁ ଭଲ ଭାବେ ଧୋଇ ରାନ୍ଧନ୍ତୁ। କୌଣସି ପରିସ୍ଥିତିରେ ବଜାରର କିଣା ଖାଇବା ବିଶେଷକରି ଫାଷ୍ଟଫୁଡ଼ ଓ ଆମିଷ ଖାଦ୍ୟ ଠାରୁ ଦୂରେଇ ରହିବା ଖୁବ ଭଲ। ସେହିପରି ସିଝା ଖାଦ୍ୟ ଓ ସୁଷମ ଖାଦ୍ୟ, ତଟକା ପନିପରିବା, ଫଳ ସବୁଠାରୁ ଭଲ ଅଭ୍ୟାସ। ପିଲାମାନଙ୍କର ଖାଦ୍ୟ ସହିତ ପିଇବା ପାଣି ଯେପରି ଭଲ ଭାବେ ବିଶୋଧିତ ହୁଏ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ। ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲାଗି ଘରୋଇ ସନ୍ତୁଳିତ ଖାଦ୍ୟ ପ୍ରଦାନ କରିବା ସର୍ବୋତ୍ତମ। ଏହା ସହିତ ପିଲାଙ୍କ ଶରୀରରେ ଉପଯୁକ୍ତ ଜଳୀୟ ଅଂଶ ବଜାୟ ରଖିବାକୁ ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ। ଡାକ୍ତରଙ୍କ ବିନା ପରାମର୍ଶରେ ପିଲାଙ୍କୁ କୌଣସି ଔଷଧ ଦିଅନ୍ତୁ ନାହିଁ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ଗାନ୍ଧିଜୀଙ୍କ ଜୀବନରେ ଭଗବଦ୍ ଗୀତାର ପ୍ରଭାବ

ଯଶସ୍ୱିନୀ ପଟ୍ଟନାୟକ

*ଗାନ୍ଧିଜୀ ସମଗ୍ର ବିଶ୍ୱକୁ ଦେଇଛନ୍ତି ସତ୍ୟ, ତ୍ୟାଗ ଓ ଅହିଂସାର ବାଣୀ । ଆଜି ବାପୁଙ୍କ ଜନ୍ମଦିନରେ ଆସନ୍ତୁ ମନେ ପକାଇବା କିଛି ଗାନ୍ଧୀବାଣୀ ଏବଂ ନିଜ ଜୀବନରେ ସେହି ବାଣୀ ଦ୍ୱାରା ଅନୁପ୍ରାଣିତ ହେବା । ଗାନ୍ଧିଜୀ ତାଙ୍କ ବାଣୀରେ କହିଥିଲେ 'ମୁଁ ତୁମକୁ ଏକ ତାବିଜ ଦେଉଛି , ତାହା ହେଉଛି ଯେତେବେଳେ ତୁମ ମନ ସନ୍ଦେହାଛନ୍ନ ହେବ କିମ୍ବା ଅହଂତ୍ୱର ପ୍ରଭାବ ଅଧିକ ହେବ ସେତେବେଳେ ନିଜକୁ କେତେକ ପ୍ରଶ୍ନ ପଚାରି ପରଖିନେବ । ତୁମ ଦୃଷ୍ଟିରେ ପଡ଼ିଥିବା ସବୁଠୁ ଗରିବ ତଥା ସବୁଠୁ ଦୁର୍ବଳ ଲୋକର ମୁହଁକୁ ଚକ୍ଷୁ ସାମନାକୁ ଆଣିବ । ନିଜକୁ ପଚାରିବ, ମୁଁ ଯାହା କରୁଛି ତାହାଦ୍ୱାରା ଏହି ବ୍ୟକ୍ତି ଉପକୃତ ହେବ ତ ? ତୁମେ ତାର କିଛି ଦରକାରରେ ଆସିବ କି ? ତାର ଜୀବନ ଓ ଭାଗ୍ୟର ନିୟନ୍ତ୍ରଣରେ ସହାୟକ ହେବ କି ? ଅର୍ଥାତ୍ ଏହା ଲକ୍ଷ ଲକ୍ଷ କ୍ଷୁଧାର୍ତ୍ତ ଏବଂ ଆଧାତ୍ମିକତାର ଅଭାବ ଥିବା ଜନସାଧାରଣଙ୍କ ପାଇଁ ସ୍ୱରାଜ ଆଣିବ କି ? ଏହି ପ୍ରଶ୍ନର ଉତ୍ତର ହିଁ ତୁମ ମନକୁ ସନ୍ଦେହମୁକ୍ତ କରିବ ଏବଂ ଅହଂତ୍ୱ ଦୂରେଇଯିବ । ସେହିପରି ଜାତିର ଜନକ ଆମ ସମସ୍ତଙ୍କର ପ୍ରିୟ ବାପୁଜୀ ତାଙ୍କ ବାଣୀରେ ସାତଟି ବିପଦ ବିଷୟରେ ଆମକୁ ଶିକ୍ଷା ଦେଇଛନ୍ତି ତାହା ହେଉଛି 'ବିନା କାମରେ ସମ୍ପତ୍ତି, ବିବେକଶୂନ୍ୟ ଆନନ୍ଦ, ଚରିତ୍ର ବିନା ଜ୍ଞାନ, ନୈତିକତା ବିହୀନ ବାଣିଜ୍ୟ, ମାନବିକତାହୀନ ବିଜ୍ଞାନ, ତ୍ୟାଗ ବିନା ଉପାସନା, ନୀତିହୀନ ରାଜନୀତି ।'*

ପ୍ରତିଟି ଭାରତୀୟଙ୍କ ପାଇଁ ଭଗବତ ଗୀତ ଏକ ଧର୍ମପୁସ୍ତକ ନୁହେଁ ଆଧାତ୍ମିକ ଓ ଦିବ୍ୟ ଜୀବନ ପାଇଁ ଦିବ୍ୟ ପଥ ଦେଖାଉଥିବା ଅମୂଲ୍ୟ ଗ୍ରନ୍ଥ। ଭାଗବତ ଗୀତର ବିଭିନ୍ନ ଅଧ୍ୟାୟ ମଣିଷର ଜନ୍ମ, ବୃତ୍ତି ଓ ଜୀବନର ଆଦର୍ଶ ପାଇଁ ଶିକ୍ଷଣୀୟ। ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ନିଜ ସଖା ଅର୍ଜୁନଙ୍କୁ ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଭିତରେ ମଣିଷ ସମାଜ ପାଇଁ ସମସ୍ତ ନୀତି ନିୟମ ଓ ମାର୍ଗ ଦର୍ଶନ କରିଥିଲେ। ଭଗବାନ ଶ୍ରୀକୃଷ୍ଣ କୃପା ପ୍ରଦାନ କରି ଅର୍ଜୁନଙ୍କୁ ନିଜ ବିଶ୍ୱରୂପ ଦର୍ଶନର ସୁଯୋଗ ମଧ୍ୟ ପ୍ରଦାନ କରିଥିଲେ। ଜାତିର ଜନକ ଆମ ସମସ୍ତଙ୍କର ପ୍ରିୟ ମହାତ୍ମା ଗାନ୍ଧୀ ଭଗବତ ଗୀତାକୁ ନିଜ ଜୀବନ ଠାରୁ ଅତ୍ୟନ୍ତ ମହତ୍ୱର ଭାବରେ ବିଚାର କରୁଥିଲେ ଓ ଶ୍ରଦ୍ଧା ମଧ୍ୟ ରଖୁଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଜଣେ ଆଧାତ୍ମିକ ପୁରୁଷ ଥିଲେ। ଶ୍ରୀମଦ୍ ଭାଗବଦ୍ ଗୀତାର ଦର୍ଶନ କର୍ମଯୋଗ ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ। କର୍ମ ପ୍ରତି ବିଶ୍ୱାସ କରିବା ଏବଂ କର୍ମ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହୁଥିଲେ ଗାନ୍ଧିଜୀ। ଭାଗ୍ୟକୁ ଭରସା କରି ରହିବା ପରିବର୍ତ୍ତେ କର୍ମ ଉପରେ ବିଶ୍ୱାସ କରିବା କଥା ସେ କହୁଥିଲେ। ମହାତ୍ମା ଗାନ୍ଧୀ ଭଲ ଭାବେ ଜାଣିଥିଲେ ଯେ ଅଧିକ ସମୟ ପର୍ଯ୍ୟନ୍ତ ନିଃସ୍ୱାର୍ଥ ଭାବନା ନେଇ କର୍ମ କରିବା ଦ୍ୱାରା ଲକ୍ଷ୍ୟ ପ୍ରାପ୍ତି ସମ୍ଭବ। ଗାନ୍ଧିଜୀ ଭଗବତ୍ ଗୀତା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ଥିଲେ। ଲଣ୍ଡନରେ ରହୁଥିବା ସମୟରେ ଜଣେ ମିତ୍ର ତାଙ୍କୁ ଏଡ଼ୱିନ ଆର୍ଣ୍ଣୋଲ୍ଡଙ୍କ ରଚିତ ପୁସ୍ତକ 'ଦି ସଙ୍ଗ ସେଲେସିଆଲ' ଦେଇଥିଲେ। ଏହି ପୁସ୍ତକ ଥିଲା ଶ୍ରୀମଦ୍ ଭଗବତ୍ ଗୀତାର ଇଂରାଜୀ ଛନ୍ଦବଦ୍ଧ ଅନୁବାଦ। ମହାତ୍ମା ଗାନ୍ଧୀ ଥରେ କହିଥିଲେ, ଯେତେବେଳେ କୌଣସି ସନ୍ଦେହ ମୋ ମନକୁ ଉଦ୍‌ବେଳିତ କରିଥାଏ କିମ୍ବା କୌଣସି ସମସ୍ୟାରେ ପଡ଼ି ମୁଁ ଚିନ୍ତିତ ଥାଏ ସେପରି ସମୟରେ ମୁଁ ଭଗବତ ଗୀତାର ପୃଷ୍ଠା ଲେଉଟାଇଥାଏ। ଯେତେବେଳେ ମୁଁ ନିରାଶ ହୋଇଯାଏ, ଠିକ୍ ସେତିକି ବେଳେ ଆଶାପୂର୍ଣ୍ଣ ଦୃଷ୍ଟିରେ ଗୀତାର ଶ୍ଳୋକ ଆଡ଼େ ଦୃଷ୍ଟି ପକାଇଥାଏ। ମୋତେ ନିଦାନ ରୂପରେ ଆଶାର କିରଣ ଦେଖା ଦେଇଥାଏ। ଜୀବନରେ ପରବର୍ତ୍ତୀ ସମୟରେ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ ଭଗବଦ୍ ଗୀତା ଟୀକା ପାଠ କରିଥିଲେ ଗାନ୍ଧିଜୀ। ମୂଳ ଗୀତା ତଥା ବିଭିନ୍ନ ଭାଷାରେ ରଚିତ ଗୀତା ମଧ୍ୟ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଗୁଜରାଟୀ ଭାଷାରେ ଗୀତାର ଅନୁବାଦ କରିଥିଲେ। ୟଙ୍ଗ ଇଣ୍ଡିଆ ପତ୍ରିକାରେ ଗାନ୍ଧିଜୀ ଥରେ ଲେଖିଥିଲେ, ଗୀତା ଈଶ୍ୱରଙ୍କ ସଙ୍ଗୀତ, ଏହା ସ୍ୱର୍ଗର ସଙ୍ଗୀତ। ଗାନ୍ଧିଜୀଙ୍କ ସଚିବ ମହାଦେବ ଦେଶାଇ କହିଥିଲେ ଗାନ୍ଧିଜୀଙ୍କ ଜୀବନରେ ଭଗବଦ ଗୀତା ଏକ ଅଭିନ୍ନ ଅଙ୍ଗ ଥିଲା। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଅହଂକାର ଏବଂ ଈର୍ଷା ପରିତ୍ୟାଗ କରି ଏକାଗ୍ରଚିତ୍ତ ହୋଇ କର୍ମ କରିଯିବା ଉଚିତ୍। ଗାନ୍ଧିଜୀ ଏହି ଦର୍ଶନକୁ ଗ୍ରହଣ କରିଥିଲେ। ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଦେଶ ପ୍ରତି ସମର୍ପି ଦେଇଥିଲେ। ଗାନ୍ଧିଜୀ ଥିଲେ ଜଣେ ମହାନ କର୍ମଯୋଗୀ।



ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮ , ସିଡିଏ, କଟକ, ଇ-ମେଲ
: jasaswinipattanaik78@gmail.com

# ସୁଧହାର ହ୍ରାସ କରିବାର ପ୍ରକ୍ରିୟା ଆରମ୍ଭ

॥ ଗୋପାଳ ମହାପାତ୍ର ॥

ଆମେରିକାର ଫେଡ଼େରାଲ ରଜର୍ଭ ପକ୍ଷରୁ ସେପ୍ଟେମ୍ବର ୧୯ ତାରିଖ ଦିନ ସୁଧ ହାର ୫୦ ବେସିକ ପଏଣ୍ଟ ହ୍ରାସ କରିବ ବୋଲି ଘୋଷଣା କରାଯାଇଛି। ଫଳତଃ ଏହି ହାର ୫.୫ ପ୍ରତିଶତ ରୁ ୫ ପ୍ରତିଶତକୁ ହ୍ରାସ ପାଇଛି। ୪ ବର୍ଷ ପୁର୍ବେ ସାରା ବିଶ୍ୱରେ ବ୍ୟାପିଥିବା କୋରେନା ମହାମାରୀ ପରେ ମୁଦ୍ରସ୍ଫିତି ହାର ବୃଦ୍ଧି ପାଇଥିଲା। ବିଗତ ୪ ଦଶନ୍ଧି ମଧ୍ୟରେ ଏହା ଥିଲା ସର୍ବାଧିକ ବୃଦ୍ଧି। ମୁଦ୍ରା ସ୍ଫିତିକୁ ନିୟନ୍ତ୍ରଣ କରିବା ପାଇଁ ବିକଶିତ ଦେଶ ସମେତ କିଛି ଦେଶ ସୁଧ ହାରକୁ ଲଗାତାର ଭାବେ ବୃଦ୍ଧି କରିଥିଲେ। ଏହାର କାରଣ ହେଉଛି ଯେ ଉତ୍ପାଦର ବିକ୍ରୀ କମିବ ଏବଂ ଉତ୍ପାଦର ଆମଦାନୀ ଓ ବିକ୍ରି ଉପଭୋକ୍ତାଙ୍କ ଆବଶ୍ୟକତା ଅନୁରୂପ ହେବ। ବିଗତ ୪ବର୍ଷ ମଧ୍ୟରେ ଆମେରିକାର ଫେଡ଼େରାଲ ଦର ୦ ପ୍ରତିଶତରୁ ବୃଦ୍ଧି ପାଇ ୫.୫୦ ପ୍ରତିଶତରେ ପହଞ୍ଚି ଯାଇଥିଲା। ପରନ୍ତୁ ଏବେ ୪ବର୍ଷ ପରେ ଆମେରିକାର ଫେଡ଼େରାଲ ହାର ହ୍ରାସ କରାଯିବା ପାଇଁ ଘୋଷଣା କରାଯାଇଛି। ଆମେରିକାର କେନ୍ଦ୍ରୀୟବ୍ୟାଙ୍କ ଫେଡ଼େରାଲ ରିଜର୍ଭ ସେ ଦେଶକୁ ସୁରକ୍ଷିତ ଏବଂ ସ୍ଥିର ମୌଦ୍ରିକ ଏବଂ ଆର୍ଥୀକ ପ୍ରଣାଳି ପ୍ରଦାନ କରିଥାଏ। ଫେଡ଼େରାଲ ରିଜର୍ଭ ବ୍ୟାଙ୍କ ହେଉଛି ଭାରତର ରିଜର୍ଭବ୍ୟାଙ୍କ ଭଳି କେନ୍ଦ୍ରୀୟ ବ୍ୟାଙ୍କ। ଆର୍ଥୀକ ସ୍ଥିରତାକୁ ସୁନିଶ୍ଚିତ କରିବା ପାଇଁ ଏହି ସଂସ୍ଥା ପାଖରେ ବ୍ୟାପକ ଶକ୍ତି ରହିଛି। ଅନେକ ବିକଶିତ ଏବଂ ବିକାଶଶୀଳ ଦେଶର ଅର୍ଥବ୍ୟବସ୍ଥା ଆମେରିକାରେ ଧାର୍ଯ୍ୟ ସୁଧ ହାର ପାଇଁ ମାତ୍ରାଧିକ ପ୍ରଭାବିତ ହୋଇଥାଏ। ଯେତେବେଳେ ଆମେରିକା ସୁଧହାର ବୃଦ୍ଧି କରେ ସେତେବେଳେ ଆମେରିକା ଏବଂ ଅନ୍ୟ ବିକଶିତ ଦେଶର ସଂସ୍ଥା ଏବଂ ନାଗରିକ ମାନଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜିନିବେଶ ଆମେରିକାକୁ ପୁନଃ ପ୍ରତ୍ୟାବର୍ତ୍ତିତ ହୋଇଥାଏ। କାରଣ ଆମେରିକୀୟ ଆର୍ଥୀକ ସଂସ୍ଥା ଏବଂ ଆମେରିକା ଦ୍ୱାରା ଜାରି କରାଯାଇଥିବା ବଣ୍ଡ ଉପରେ ଆକର୍ଷକ ସୁଧ ମିଳିଥାଏ। ଏହାର ବିପରିତ ଯଦି ଆମେରିକାର ଫେଡ଼େରାଲ ରିଜର୍ଭ ସୁଧହାର କମ୍ କରେ ତେବେ ଅନ୍ୟ ବିକାଶଶୀଳ ଦେଶରେ ଆମେରିକା ଏବଂ ଅନ୍ୟ ବିକଶିତ ଦେଶ ମାନଙ୍କର ସଂସ୍ଥା ଓ ନାଗରିକ ମାନେ ପୁଞ୍ଜିନିବେଶ ବୃଦ୍ଧି କରିଥାନ୍ତି। କାରଣ ଆମେରିକା ତୁଳନାରେ ଅନ୍ୟ ବିକାଶଶୀଳ ଦେଶରେ ପୁଞ୍ଜି ନିବେଶ କଲେ ସେମାନଙ୍କୁ ଅଧିକ ସୁଧ ମିଳିଥାଏ। ଏହି କାରଣରୁ ଅନେକ ଦେଶ ଆମେରିକା ଫେଡ଼ ରିଜର୍ଭର ନିଷ୍ପତ୍ତିକୁ ଦେଖି ନିଜ ଦେଶରେ ମଧ୍ୟ ସୁଧ ହାର କମାଇବା ଅଥବା ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥାନ୍ତି ଯାହା ଫଳରେ ସଂପୃକ୍ତ ଦେଶରେ ଆମେରକା ଏବଂ ଅନ୍ୟ ବିକଶିତ ଏବଂ ଅନ୍ୟ ବିକଶିତ ଦେଶର ସଂସ୍ଥା ଓ ନାଗରିକମାନେ କରିଥିବା ପୁଞ୍ଜିନିବେଶ ଯେମିତି ପ୍ରଭାବିତ ନହୁଏ।

ଏବେ ଯେହେତୁ ଆମେରିକାର ଫେଡ଼ ରିଜର୍ଭ ହାର କମାଇ ଦେଇଛି ଏଣୁ କେତେକ ଦେଶ ମଧ୍ୟ ସୁଧହାର କମାଇବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଏହା ଦ୍ୱାରା ସାରା ବିଶ୍ୱରେ ସୁଧହାର କମ୍ ବା ହ୍ରାସ କରିବାର ପ୍ରକ୍ରିୟା ଆରମ୍ଭ ହୋଇପାରେ। ଏହି କାମ ୟୁରୋପୀୟ ଦେଶ ଏବଂ ବ୍ରିଟେନ ପୁର୍ବରୁ କରିସାରିଛନ୍ତି ଏବଂ ବିକାଶଶୀଳ ଦେଶ ମାନେ ଏହି ଘୋଷଣା ଖୁବ୍ ଶୀଘ୍ର କରିପାରନ୍ତି। ଭାରତରେ କିଛି ଦିନ ଦେବ ମୁଦ୍ରସ୍ଫିତି ହାର ନିୟନ୍ତ୍ରଣରେ ରହିଛି କିନ୍ତୁ ଭାରତୀୟ ରିଜର୍ଭବ୍ୟାଙ୍କ ଯଦି ପୁର୍ବରୁ ସୁଧହାର ହ୍ରାସ କରିବା ପାଇଁ ଘୋଷଣା କରିଥାନ୍ତା। ତେବେ ଭାରତରେ ଆମେରିକା ଏବଂ ଅନ୍ୟ ବିକଶିତ ଦେଶ ମାନଙ୍କ ସଂସ୍ଥାନ ଦ୍ୱାରା ଆମେରିକୀୟ ଡ଼ଲାରରେ କରାଯାଉଥିବା ପୁଞ୍ଜିନିବେଶ ଭାରତରୁ ପଳାଇବାର ସମ୍ଭାବନା ବଢ଼ିଯାଇଥାନ୍ତା। ଏବେ ବିଶ୍ୱର ଅନେକ ଦେଶ ବିଶେଷ କରି ଆର୍ଥୀକ କ୍ଷେତ୍ରରେ ପରସ୍ପର ମଧ୍ୟରେ ଏତେ ଅଧିକ ଭାବେ ଯୋଡି ହୋଇ ଯାଇଛନ୍ତି ଯେ କୌଣସି ଦେଶର ଆର୍ଥୀକ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଅନ୍ୟ ଦେଶର ଆର୍ଥୀକ କ୍ଷେତ୍ରକୁ ପ୍ରଭାବିତ କରିଥାଏ।

ଆମେରିକାର ଫେଡ଼େରାଲ ରିଜର୍ଭ ପକ୍ଷରୁ କୁହାଯାଇଛି ଯେ ୨୦୨୪ ବର୍ଷରେ ଆମେରିକୀୟ ଫେଡ଼େରାଲ ହାରରେ ଆଧାର ବିନ୍ଦୁ ବା ବେସିକ ପଏଣ୍ଟର ହ୍ରାସ ବାବଦରେ ଦୁଇଥର ହ୍ରାସ କରାଯିବାର ଘୋଷଣା କରିପାରେ ତଥା ୨୦୨୫ ବର୍ଷରେ ୧୦୦ ଆଧାର ବିନ୍ଦୁ (ବେସିକ ପଏଣ୍ଟ)ର ହ୍ରାସ କରାଯାଇପାରେ। ଏଣୁ ଆମେରିକୀୟ ଫେଡ଼େରାଲ ରିଜର୍ଭ ସୁଧହାରକୁ ୩.୫୦ ପ୍ରତିଶତକୁ ହ୍ରାସ କରିପାରେ। ଏବେ ଫେଡ଼େରାଲ ରିଜର୍ଭ ସୁଧ ହାର ହ୍ରାସ କରିବା ପରେ ଡ଼ଲାର ଇଣ୍ଡେକ୍ସ ମଧ୍ୟ ୧୦୦.୩୭ର ତଳ ସ୍ତରକୁ ଆସିଯାଇଛି। ଏଣୁ ଏବେ ଆମେରିକୀୟ ଡ଼ଲାର ଉପରେ ଅନ୍ତର୍ଯ୍ୟାତୀୟ ସ୍ତରରେ ଚାପ ବଢ଼ିବ ଫଳରେ ଡ଼ଲାରର ଅବମୂଲ୍ୟାୟନ ହୋଇପାରେ। ଫଳରେ ଆମେରିକା ବଜାରରୁ ପୁଞ୍ଜିଏବେ ଅଧିକ ଆୟ ବା ସୁଧ ପାଇବା ପାଇଁ ଅନ୍ୟ ଦେଶର ବଜାରକୁ ଆସିବ। ଭାରତକୁ ଏଥିରୁ ଅଧିକ ଲାଭ ମିଳିପାରେ। କାରଣ ଭାରତ ଆଇଏମ୍ ଆଇ ଇଣ୍ଡେକ୍ସ (ଇନଭେଷ୍ଟେବୁଲ ମାର୍କେଟ ଇଣ୍ଡେକ୍ସ)ରେ ଚୀନ ଠାରୁ ଆଗକୁ ବଢ଼ିଯାଇଛି। ଏହି ଇଣ୍ଡେକ୍ସରେ ଭାରତର ଶେୟାର (ଅଂଶଧନ)ର ମୂଲ୍ୟ ଚୀନର ଶେୟାରର ମୂଲ୍ୟ ଠାରୁ ଅଧିକ ହୋଇଯାଇଛି। ବିଶ୍ୱର ଆର୍ଥୀକ ସଂସ୍ଥା ସୋଭରେନ ଫଣ୍ଡ, ପେନଶନ ଫଣ୍ଡ ଏବଂ ଅନ୍ୟ ନିବେଶକ ଆଇଏମ୍ଆଇ ଇଣ୍ଡେକ୍ସ ଉପରେ ଅଧିକ ବିଶ୍ୱାସ କରନ୍ତି ଏବଂ ନିଜର ନିବେଶ ମଧ୍ୟ ଏହି ଇଣ୍ଡେକ୍ସରେ ସାମିଲ ଶେୟାରରେ କରିବେ। ଦ୍ୱିତୀୟତଃ ଏବେ ସମ୍ଭାବନା ସୃଷ୍ଟି ହୋଇଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ରେପୋଦର ହ୍ରାସ କରିବାର ଘୋଷଣା ଶୀଘ୍ର କରିବ। କାରଣ ଆମେରିକାରେ ଏବେ ଅଧିକ ସୁଧ ହାରର ସମୟ ସମାପ୍ତ ହେବାକୁ ଯାଉଛି। ଆମେରିକାରେ ସୁଧ ହାର ବଢ଼ିବାର ବିପରିତ ପଭାବ ଭାରତ ମୁଦ୍ରା। ଟଙ୍କା ଉପରେ ପଡିଥାଏ ଓ ଆମେରିକା ସମେତ ବିକଶିତ ଦେଶମାନେ ଭାରତରେ ଆମେରିକୀୟ ଡ଼ଲାଟରେ ନିବେଶ ପାଇଁ ଚାପ ସୃଷ୍ଟି କରିଥାନ୍ତି। ଏବେ କିନ୍ତୁ ଭାରତୀୟ ମୁଦ୍ରାଉପରେ ଚାପ କମିବ ଏବଂ ଭାରତରେ ହୋଇଥିବା ବିଦେଶୀ ନିବେଶ ଅନ୍ୟ ଦେଶକୁ ଚାଲିଯିବାର ସମ୍ଭାବନା ମଧ୍ୟ କମିଯାଇଛି।

ଯଦି ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧହାର କମ୍ କରିବ ତେବେ ଭାରତର ଉଦ୍ୟୋଗ ଜଗତକୁ ଏହାର ଲାଭ ମିଳିବା ଏବଂ ସେମାନଙ୍କର ଲାଭ ବଢ଼ିବ ଯାହା ବିଦେଶୀ ପୁଞ୍ଜିନିବେଶକୁ ଆକର୍ଷିତ କରିପାରିବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉଚ୍ଚତମସ୍ତର ୬୮୯୦୦ କୋଟି ଡ଼ଲାରରେ ପହଞ୍ଚିଛି। ଏବେ ପରିବର୍ତ୍ତୀତ ପରିସ୍ଥିତିରେ ଭାରତର ଶେୟାର ବଜାର ଯଦି ଅଧିକ ବିଦେଶୀ ନିବେଶକୁ ଆକର୍ଷିତ କରିପାରିବ ତେବେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ପାଇବ। ଅନ୍ୟପକ୍ଷରେ ରିଜର୍ଭ ବ୍ୟାଙ୍କ ଯଦି ସୁଧହାର କମ୍ କରିବ ତେବେ ଭାରତରେ ଉତ୍ପାଦିତ ବସ୍ତୁ ପାଇଁ ହେଉଥିବା ବ୍ୟୟ କମ୍ ହେବ ଏବଂ ଭାରତରେ ନିର୍ମିତ ଉତ୍ପାଦ ଆନ୍ତର୍ଯ୍ୟାତୀୟ ବଜାରରେ କମ୍ପିଟ(ପ୍ରତିସ୍ପର୍ଦ୍ଧି) କରିବାରେ ସକ୍ଷମ ହୋଇ ପାରିବ। ଏହାଦ୍ୱାରା ଭାରତୀୟ ଉତ୍ପାଦର ରପ୍ତାନୀ ବୃଦ୍ଧି ହେବାର ସମ୍ଭାବନା ରହିଛି। ସେହିପରି ସୂଚନା ପ୍ରାଦ୍ୟୋଗିକୀ କ୍ଷେତ୍ରରେ ଲାଭ ବୃଦ୍ଧି କାରଣରୁ ତାର ସିଧା ସଳଖ ପ୍ରଭାବ ଭାରତରେ ସୂଚନା ପଦ୍ୟୋଗିକୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ ମାନଙ୍କ ଉପରେ ପଡିବ। ସବୁଠାରୁ ବଡ଼ କଥା ହେଉଛି ଏବେ ସାଧାରଣ ଲୋକେ ବ୍ୟାଙ୍କରୁ ନେଇଥିବା ଋଣର କିସ୍ତି ମଧ୍ୟ କମ୍ ହୋଇପାରେ ଏଣୁ ମଧ୍ୟବର୍ଗୀୟ ପରିବାରଙ୍କ ବ୍ୟୟ ମଧ୍ୟ ବଢ଼ିବ ଯାହା ବିଭିନ୍ନ ଉତ୍ପାଦର ବିକ୍ରୀ ବୃଦ୍ଧିରେ ସହାୟକ ହେବ। ମୋଟାମୋଟିଭାବେ କୁହାଯାଇପାରେ ଯେ ଆମେରିକାର ଫେଡ଼େରାଲ ରିଜର୍ଭ ସୁଧ ହାର କମ୍ କରିବାର ଏକ ସକାରାତ୍ମକ ପ୍ରଭାବ ଭାରତ ସମେତ ଅନେକ ଦେଶ ଉପରେ ପଡିବ ନିଶ୍ଚୟ।

ରାମଚନ୍ଦ୍ରପୁର,ରଣପୁର
ମୋ :-୯୪୩୮୪୮୫୦୯୪

# ପସମନ୍ଦା ମୁସଲିମ୍ ଓ ତାଙ୍କ ଉତଥାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ

॥ ରେଶମା ଫାତିମା ॥

ଭାରତ ଏକ ବିବିଧତା ସମ୍ପନ୍ନ ରାଷ୍ଟ୍ର ଅଟେ ଯେଉଁଠି ଅଗଣିତ ସମୁଦାୟ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରି ଆସୁଛନ୍ତି । ଭାରତୀୟ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଅନେକ ବିବିଧତା ରହିଛି । ଉଦାହରଣ ସରୂପ ତାଙ୍କ ମଧ୍ୟରେ ଥିବା ପସମନ୍ଦା ସମୁଦାୟ, ବିଭିନ୍ନ ଅର୍ଥନୈତିକ ଏବଂ ସାମାଜିକ ଆହ୍ୱାନର ସମ୍ମୁଖୀନ ହୋଇଆସୁଛନ୍ତି । ତେଣୁ ପ୍ରକୃତ ସାମାଜିକ ଧାର୍ମିକ ସମାନତା ହାସଲ ପାଇଁ ବର୍ତ୍ତମାନର ଭାରତରେ ପସମନ୍ଦା ପ୍ରସଙ୍ଗକୁ ବୁଝିବା ଏକାନ୍ତ ଆବଶ୍ୟକ । ପସମନ୍ଦା ହେଉଛି ଏକ ପାରସୀ ଶବ୍ଦ ଯାହାର ଅର୍ଥ ଯେଉଁମାନେ ପଛରେ ରହିଯାଇଛନ୍ତି ବା ଦଳିତ କିମ୍ବା ପଛୁଆ। ବୋଲି ବୁଝାଏ ।ପସମନ୍ଦ ମୁସଲିମ ମୁଖ୍ୟତଃ ନିମ୍ନ ସାମାଜିକ ଏବଂ ଆର୍ଥିକ ସ୍ତରର ମୁସଲିମ୍ ସମୁଦାୟ।

ଏହି ପରିପ୍ରେକ୍ଷୀରେ ସଂଖ୍ୟାଲଘୁ ମାନଙ୍କର ଉ□ାନପାଇଁ ଭାରତ ସରକାରଙ୍କ ଦ୍ୱାରା ୧୫-ସୂଚୀ କାଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପ୍ରଚେଷ୍ଟାର ଅନ୍ତଗତ ସଂଖ୍ୟାଲଘୁଙ୍କ ବିକାଶ ପାଇଁ ସମସ୍ତ ଯୋଜନାରେ ସମାନ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କ ଶିକ୍ଷା, ଜୀବନଶୈଳୀ ଏବଂ ଆର୍ଥିକ ମାନଦଣ୍ଡ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାଗୁଡିକ ସଂଖ୍ୟାଲଘୁ ସମୁଦାୟର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୟୀ ରୋଶନୀ ଯୋଜନା ସଂଖ୍ୟା ଲଘୁ ସମୁଦାୟର ମହିଳା ମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶ କରିବା ପାଇଁ ସାହାଯ୍ୟ କରିଥାଏ । ଏହି ଯୋଜନାରେ ସଂଖ୍ୟାଲଘୁ ମହିଳା ମାନଙ୍କୁ ନେତୃତ୍ୱ ବିକାଶ୍ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରି ନିଜ ସମୁଦାୟ ମଧ୍ୟରେ ନିଆଯାଉଥିବା ନିଷ୍ପତ୍ତିରେ ଯୋଗଦାନ କରିବାକୁ ଉତ୍ସାହିତ କରାଯାଇଥାଏ । ସାମାଜିକ ତଥା ଅର୍ଥନୈତି ପ୍ରଗତି ପାଇଁ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର। ପଢୋୟପରଦେଶ ଯୋଜନା ଶିକ୍ଷାର ଏହି ସପ୍ନକୁ ସାକାର କରିବା ପାଇଁ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନ ବିଦେଶରେ ପଢିବା ପାଇଁ ଋଣ ଯୋଗାଇଥାଏ । ସଂଖ୍ୟାଲ ଲଘୁ ସମୁଦାୟର ନୈତିକ ସ୍ଥିତିକୁ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ କରିବା ତଥା ସେମାନଙ୍କ ଅର୍ଥନୈ ସୁଦୃଢ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉସ୍ତାଦ ଯୋଜନାରୁ ପ୍ରତିଫଳିତ ତିକ ମାନଙ୍କୁ ହୋଇଥାଏ। କୌଶଳ ବିକାଶର ସୁଯୋଗ ଏବଂ ବଜାର ସୁବିଧା ଯୋଗାଇ ଉସ୍ତାଦ ଯୋଜନା ପାରମ୍ପାରିକ କାରିଗରୀକୁ ବ୍ୟାବସାୟିକ ସ୍ତରରେ ସ୍ଥାପିତ କରି ସେମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୃଷ୍ଟି କରୁଛି। ନୟୀ ମନଜିଲ ଯୋଜନା ଆନୁଷ୍ଠାନିକ ଶିକ୍ଷାରୁ ବଂଚିତ ରହିଥିବା ସଂଖ୍ୟାଲଘୁ ଯୁବକଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଯୋଜନାର ଅନ୍ତଗତ ଶିକ୍ଷା ସହ ଆବଶ୍ୟକୀୟ କୌଶଳ ମଧ୍ୟ ଯୋଗାଇ ଦିଆଯାଇଥାଏ ଯାହା ସଂଖ୍ୟାଲଘୁଙ୍କ ସ୍ଥାୟୀ ନିଯୁକ୍ତି ଏବଂ ଉନ୍ନତ ଜୀବନ ଧାରଣ ପାଇଁ ସହାୟକ ହୋଇଥାଏ। ସେହିପରି ଶିଖୋୟ ଔର କମାଓ ଯୋଜନା ସଂଖ୍ୟାଲଘୁ ସମୁଦାୟରେ ଥିବା ବେକାରୀ ସମସ୍ୟାକୁ ଦୂର କରିବା ପାଇଁ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଧନ୍ଦାମୂଳକ ପ୍ରଶିକ୍ଷଣ ଯୋଗାଇ ସେମାନଙ୍କୁ ଆତ୍ମନିର୍ଭର ତଥା ନିଯୁକ୍ତି ସୁଯୋଗକୁ ବଢାଇଥାଏ। ସଂଖ୍ୟାଲଘୁ କାରିଗର ମାନଙ୍କୁ ନିଜ କଳା ଏବଂ କୌଶଳର ପ୍ରଦର୍ଶନ କରିବା ପାଇଁ ହୁନର ହାଟ୍ ଏକ ଉପଯୁକ୍ତ ମଂଚ ପ୍ରଦାନ କରିଥାଏ। ପ୍ରି ମେଟ୍ରିକ ଏବଂ ପୋଷ୍ଟ ମେଟ୍ରିକ ସ୍କୋଲାରଶିପ ଆର୍ଥିକ ସହାୟତ ତା ଯୋଜନା ସଂଖ୍ୟାଲଘୁ ମାନଙ୍କୁ ଶିକ୍ଷାର ବିଭିନ୍ନ ପର୍ଯାୟରେ ସଂଖ୍ୟାକୁ କମ୍ ଯୋଗାଇଥାଏ । ଅଧାରୁ ଶିକ୍ଷାକୁ ଛାଡୁଥିବା ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟା କରାଇ ଏହି ଯୋଜନା ଏକ ଉଚ୍ଚଶିକ୍ଷିତ ଆତ୍ମନିର୍ଭର ସଂଖ୍ୟାଲଘୁ ସମୁଦାୟ ଗଢିବାରେ ମୁଖ୍ୟ ଭୂମିକାୟ ଗ୍ରହଣ କରେ ।

ଏଥିରୁ ସହଜରେ ଅନୁମେୟ ଯେ ଭାରତ ସରକାର ସଂଖ୍ୟାଲଘୁ ସମୁଦାୟଙ୍କ ସଶକ୍ତିକରଣ ଓ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଓ ଯୋଜନା କାର୍ଯ୍ୟକାରୀ କରି ଅଛନ୍ତି । ଏହାର ଅନ୍ତଗତ ଶିକ୍ଷା, ରୋଜଗାର ଓ ସାମାଜିକ କଲ୍ୟାଣ ଇତ୍ୟାଦି କ୍ଷେତ୍ରରେ ଅନେକ ପଦକ୍ଷେପ ଅର୍ନ୍ତଭୁକ୍ତ। କିନ୍ତୁ ଏହି ଯୋଜନା ଗୁଡିକର ଲାଭ ଉଠାଇବାରେ ପସମନ୍ଦା ମୁସଲିମ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପସମନ୍ଦା ମୁସଲିମ୍ ମାନଙ୍କର ଉନ୍ନତି ନ ହେବାର ଏକ ମୁଖ୍ୟ କାରଣ ହେଲା ସେମାନଙ୍କ ଦାବୀ ଉପସ୍ଥାପନ କରିବା ପାଇଁ କୌଣସି ସଶକ୍ତ ସ୍ୱରର ଅଭାବ। ଅନ୍ୟପକ୍ଷରେ ଶିକ୍ଷା ହେଉଛି ସାମାଜିକ ଓ ଆର୍ଥିକ ପ୍ରଗତିର ମୁଖ୍ୟ କାରକ। କିନ୍ତୁ ସରକାରଙ୍କ ବିଭିନ୍ନ ପ୍ରଚେଷ୍ଟା ସତ୍ତ୍ୱେ ପସମନ୍ଦା ମୁସଲିମ୍ ମାନେ ଶିକ୍ଷାରୁ ବଂଚିତ ହୋଇ ରହିଛନ୍ତି । ମୁସଲିମ ସମୁଦାୟ ମଧ୍ୟରେ ଆର୍ଥିକ ବୈଷମ୍ୟତା ଏକ ମୁଖ୍ୟ ଚିନ୍ତାର ବିଷୟ ଅଟେ। ଅନେକ ପସମନ୍ଦା ମୁସଲିମ୍ ମାନେ ନିଜକୁ ସ୍ୱଳ୍ପ ଦରମା ବିଶିଷ୍ଟ ଚାକିରୀ ଗୁଡିକରେ ନିୟୋଜିତ କରିବା ପାଇଁ ବାଧ୍ୟ ହେଉଛନ୍ତି, ତେଣୁ ତାଙ୍କ ସମୁଦାୟରେ ମୁଖ୍ୟ ଭାଗ ଦାରିଦ୍ର୍ୟତାର ତଳ ସ୍ତରରେ ଏବେ ମଧ୍ୟ ରହୁଛନ୍ତି। ଗୁଣବତ୍ତା ଶିକ୍ଷା, ଧନ୍ଦାମୂଳକ ତାଲିମ ଏବଂ ଚାକିରୀ ସୁଯୋଗ ଗୁଡିକର ଅଭାବ ସେମାନଙ୍କର ଆର୍ଥିକ ଅସୁବିଧାକୁ ଅଧିକ ବଢାଇ ଦେଇଛି ଏବଂ ସେମାନଙ୍କ ବିକାଶ ଏବେ ମଧ୍ୟ ଏକ ଆହ୍ୱାନ ହୋଇ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର, ନାଗରିକ ସମାଜ ଏବଂ ମୁସଲିମ ସମୁଦାୟର ସାମୁହିକ ପ୍ରୟାସ ଆବଶ୍ୟକ ଯାହା ଦ୍ୱାରା ସମାବେଶୀତାକୁ ପ୍ରୋତ୍ସାହିତ କରାଯାଇପାରିବ। ଅର୍ଥନୈତିକ ଅସମାନତା ଓ ସାମାଜିକ ଦ୍ୱନ୍ଦ୍ୱକୁ ଦୂର କରି ପସମନ୍ଦା ମୁସଲମାନ ମାନଙ୍କର ସାମଗ୍ରିକ ବିକାଶ ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବ। ଆମ ସମାଜର ଏକ ପ୍ରମୁଖ ଉଦ୍ଦେଶ୍ୟ ହେବା ଉଚିତ।

ଆନ୍ତର୍ଜାତୀୟ ସମ୍ପର୍କ ବିଭାଗ ଜୱାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ


ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ମହାଭାରତ ର ମହାପ୍ରଭାବ
## ଖବର ପ୍ରସାରଣ ପରେ ସଫା ହେଲା ବିଦ୍ୟାଳୟ ପରିସର



ଅସ୍ତରଙ୍ଗ (ମହାଭାରତ): ଗତ ସେପ୍ଟେମ୍ବର ୨୧ ତାରିଖ ରେ ଆମେ ଆମ ଖବରକାଗଜ ମହାଭାରତ ରେ ଏକ ଖବର ପ୍ରସାରଣ କରିଥିଲୁ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ବାସନ ମାଜିଲେ ପିଲା। ସୂଚନା ମୁତାବକ ଅସ୍ତରଙ୍ଗ ବ୍ଲକ କୁହୁଡି ମୌଜା ର ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସ ଭିତରେ ଅଦରକାରୀ ଗୁଳ୍ମ ଓ ଘାସ ଏଭଳି ପରିସ୍ଥିତି ରେ ରହିଥିଲା। ତାହା ନିଶ୍ଚିନ୍ତ ଭାବେ ବିଷଧର ସାପ ଓ ଶରୀସୃପ ଙ୍କ ଆଶ୍ରୟସ୍ଥଳୀ ସାଜିଥିଲା, ଏହି ପରିବେଶ ଭିତରେ ଏକ ନଳକୂପ ଅଛି। ମଧ୍ୟାହ୍ନ ଭୋଜନ ଖାଇବା ପରେ ଛାତ୍ରଛାତ୍ରୀ ମାନେ ଏହି ପରିବେଶ ଭିତରେ ଆସି ନଳକୂପ ରେ ନିଜ ବାସନ ମାଜୁଛନ୍ତି। ଯେଉଁଠି ପିଲା ମାନଙ୍କ ଜୀବନ ପ୍ରତି ମଧ ବିପଦ ରହିଥିଲା। ଏହାକୁ ନେଇ ଆମେ ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ ଓ ସେ ତୁରନ୍ତ ଏହି ଅବସ୍ଥା ଉପରେ ନଜର ଦେବାକୁ ପ୍ରତିଶୃତି ଦେଇଥିଲେ। ଏହି ଘଟଣା କୁ ନେଇ ଆମେ ଖବର ପ୍ରସାରଣ କରିଥିଲୁ, ଖବର ବାହାରିବା ର ଏକ ସପ୍ତାହ ଭିତରେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇବା ସହ କୁହୁଡି ପ୍ରାଥମିକ ବିଦ୍ୟାଳୟ କ୍ୟାମ୍ପସ କୁ ସମ୍ପୂର୍ଣ୍ଣ ରୂପେ ସଫା କରାଯାଇଛି, ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଗଣମାଧମ ସହିତ ମଣ୍ଡଳ ଶିକ୍ଷା ଅଧିକାରୀ ଙ୍କ ଛାତ୍ରଛାତ୍ରୀ ଙ୍କ ସୁରକ୍ଷିତ ଜୀବନ ପାଇଁ ନିଆଯାଇଥିବା ଧିବଧ ପଦକ୍ଷେପ କୁ ଭୂୟସୀ ପ୍ରଶଂସା କରିଛନ୍ତି।

### କଡା ସୁରକ୍ଷା ବ୍ୟବସ୍ଥା ମଧରେ ଶେଷ ହୋଇଛି ଖଣ୍ଡପଡ଼ା ଏନ୍‌ଏସି ର ଅନାସ୍ଥା ଭୋଟ
# ଭୋଟିଂ ସରିବା ପରେ ମଧ ନିର୍ବାଚନୀ ଫଳାଫଳ ରହିଲା ସ୍ଥଗିତ



ଖଣ୍ଡପଡ଼ା, ( ମହାଭାରତ ) : କଡା ସୁରକ୍ଷା ବ୍ୟବସ୍ଥା ମଧରେ ଶେଷ ହୋଇଛି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏନ୍‌ଏସି ର ଅନାସ୍ଥା ଭୋଟ। ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ବିରୋଧ ହୋଇଥିବା ଅନାସ୍ଥା ଭୋଟରେ ଭାଗ ନେଇଥିଲେ ୧୦ ଜଣ କାଉନସିଲର। ସେଥିମଧ୍ୟରୁ ୬ ଜଣ କାଉନସିଲର ବିଜେଡ଼ିର ଜଣେ ବିଜେପିର ଏବଂ ଅନ୍ୟ ତିନି ଜଣ ସ୍ୱାଧିନ କାଉନସିଲରୟ ଭୋଟ ସରିବା ପରେ ମଧ ନିର୍ବାଚନ ଅଧିକାରୀ ଫଳାଫଳ ଘୋଷଣା କରିନଥିଲେ। ଏହାକୁ ନେଇ ବିଜେଡ଼ି ପ୍ରଶ୍ନ ଉଠାଇ ଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶ ପାଇଁ ଭୋଟ ପରେ ଫଳ ଫଳକୁ ସ୍ଥଗିତ ରଖାଯାଇଥିବା ଖଣ୍ଡପଡା ଏନ୍‌ଏସି ର କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ ଘୋଷଣା କରିଥିଲେ। ନୟାଗଡ଼ ଉପା-ଜିଲ୍ଲାପାଳ କର୍ଣ୍ଣଦେବ ସାମଦର ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ଏସ୍ପି ରାହୁଲ ଜୈନ ସୁରକ୍ଷା ବ୍ୟବସ୍ଥା ଦାୟିରେ ରହିଥିଲେ। ଆଜିର ଅନାସ୍ଥା ଭୋଟରେ ବିଜେଡ଼ି ସପକ୍ଷରେ ମତଦାନ ଯାଇଥିବାରୁ ଖଣ୍ଡପଡାରେ ଉସାହିତ ବିଜେଡ଼ି କର୍ମୀ। ସୂଚନା ଅନୁଯାୟୀ ଗତ ଏନ୍‌ଏସି ସାଧାରଣ ନିର୍ବାଚନରେ ଅଧକ୍ଷା ଆରତୀ ପ୍ରଧାନ ସ୍ୱାଧିନ ପ୍ରାର୍ଥୀ ଭାବେ ଖଣ୍ଡପଡ଼ା ଏନ୍‌ଏସି ରୁ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ ଏବଂ ପରେ ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର କିଛି ଦିନ ପରେ ବିଜେଡ଼ି କାଉନସିଲର ମାନେ ନୟାଗଡ଼ ଜିଲ୍ଲାପାଳ ଙ୍କ ପାଖରେ ପହଞ୍ଚି ଅଭିଯୋଗ କରିଛନ୍ତି କି ଅଧକ୍ଷାଙ୍କ ସାବିତ୍ରୀ ପ୍ରଧାନ ଏନ୍‌ଏସି ର ପ୍ରତ୍ୟେକ ଉଉୟନ ମୂଳକ କାର୍ଯ୍ୟ ରେ ବିଜେଡି କାଉନସିଲର ଙ୍କୁ ସହଯୋଗ ନକରିବା କହି ଅଦକ୍ଷା ଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଖଣ୍ଡପଡା ଏନ୍‌ଏସି ର ମୋଟ ୧୩ ଜଣ କାଉନସିଲର ମଧ୍ୟରୁ ବିଜେଡ଼ିର ୮ ଜଣ, ବିଜେପି ଜଣେ ଏବଂ ସ୍ୱାଧିନ ଭାବେ ୪ ଜଣ କାଉନସିଲର ନିର୍ବାଚିତ ହୋଇଥିବା ବେଳେ ଏବେ ବିଜେଡ଼ି ପାଖରେ ରହିଛନ୍ତି ୯ ଜଣ କାଉନସିଲର। ଅଧକ୍ଷା ଆରତୀ ପ୍ରଧାନଙ୍କ ପାଖରେ ରହିଛନ୍ତି ୪ ଜଣ କାଉନସିଲର। ଏଥିପାଇଁ ଖଣ୍ଡପଡାରେ ରାଜନୀତି ବେଶ୍ ସରଗରମ ହୋଇଛି। ସୂଚନା ଅନୁଯାୟୀ ଗତ ୧୮ ତାରିଖରେ ନିର୍ବାଚନ ଅଧିକାରୀ ଅନୁପସ୍ଥିତ କାରଣ ରୁ ନିର୍ବାଚନ ବାତିଲ ହୋଇଥିଲା। ଆଜିର ଭୋଟ ପାଇଁ ଖଣ୍ଡପଡାରେ ସରଗରମ ହୋଇଥିଲା ଦଳୀୟ ରାଜନୀତି। ଏନେଇ ବିଜେଡି ପକ୍ଷରୁ ଦଳର ସଭାପତି ନବୀନ ପଟ୍ଟନାୟକ ଦଳୀୟ କାଉନସିଲର୍ଙ୍କ ଉଦ୍ଦେଶ୍ୟରେ ହୁଇପ୍ ଜାରି କରିବା ସହିତ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦେଇଥିଲେ। ବିଜେଡ଼ି ର କାଉନସିଲରଙ୍କ ଅଭିଯୋଗ ଅନୁଯାୟୀ ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ କାଉନସିଲର ମାନଙ୍କୁ ଅଣଦେଖା କରିବା ସହ ବିଭିନ୍ନ ଅନିୟମିତତା କରୁଥିବା ଅଭିଯୋଗରେ ଅନାସ୍ଥା ପ୍ରସ୍ତାବ ପାଇଁ ଗତ ଅଗଷ୍ଟ ୧ ତାରିଖରେ ନୟାଗଡ଼ ଜିଲ୍ଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ। ଏନ୍‌ଏସି ଉପାଧକ୍ଷ ମିହିର ମିଶ୍ରଙ୍କ ନେତୃତ୍ୱରେ ୯ ଜଣ କାଉନସିଲର ପରେ ଜିଲ୍ଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏଥିପାଇଁ କାଉନସିଲର୍ ସରୋଜ ପ୍ରଧାନ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର କୋର୍ଟ ନୟାଗଡ଼ ଜିଲ୍ଲାପାଳଙ୍କୁ ସ୍ଥିତି ବାବଦରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସେପ୍ଟେମ୍ବର ୧୭ରେ ଏନ୍‌ଏସିରେ ଅନାସ୍ଥା ଭୋଟ୍ କରାଯିବ ବୋଲି ସତ୍ୟପାଠ ଦାଖଲ କରିଥିଲେ ନୟାଗଡ଼ ଜିଲ୍ଲାପାଳ।

## ବୁଲା କୁକୁରଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ

ଆସିକା,(ମହାଭାରତ): ଆସିକା ସହରର ବିଭିନ୍ନ ୱାର୍ଡରେ ବୁଲା କୁକୁର ଙ୍କ ଉପଦ୍ରବ ଦିନକୁ ଦିନ ବଢିବା ଯୋଗୁଁ ଲୋକେ ଭୟଭୀତ ହୋଇଛନ୍ତି । ଗୋଟିଏ ଗୋଟିଏ ପଲରେ ପାଖାପାଖି ୨୦ରୁ ଉଦ୍ଧର୍ କୁକୁର ବୁଲୁଥିବା ବେଳେ ଲୋକେ ଯିବା ଆସିବା ପାଇଁ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏତେ ସଂଖ୍ୟାକ ବୁଲା କୁକୁର କେଉଁଠୁ କେଉଁ ପରିସ୍ଥିତି ରେ ଆସିଲା ସେନେଇ ଲୋକଙ୍କ ମନରେ ଆଲୋଚନା ହୋଇ ଆସୁଥିବା ବେଳେ ବାହାର ଅଞ୍ଚଳରୁ ଆଣି ଆସିକା ଅଞ୍ଚଳରେ କୁକୁର ପଲକୁ ଛାଡି ଦିଆ ଯାଉଥିବା ନେଇ ଗୁଜବ ସୃଷ୍ଟି ହୋଇଛି। ତେବେ ବୁଲା କୁକୁର କୁ ଆସିକା ରୁ ନ ଘଉଡ଼ାଇଲେ ଆଗାମୀ ଦିନରେ ଲୋକଙ୍କ ପାଇଁ ବିପଦ ଆଶଙ୍କା ରହିଛି । ବିଶେଷ କରି ବାଣୀବିହାର, ଖମ୍ବେଶ୍ୱରୀ ପାଟଣା, ସୁନାମ୍ବ ସାହି, ବଜାର ସାହି, ହାଟପଦା, ବସଟାଣ୍ଡ ଓ ତାଲୁକା ଛକରେ ରେ ଅଧିକ ରୁ ଅଧିକ ସଂଖ୍ୟାକ ବୁଲା କୁକୁରଙ୍କୁ ଦେଖିବାକୁ ମିଳିଥିବା ବେଳେ ବିଶେଷ କରି ଛୋଟ ପିଲା ଠୁ ବୟସ୍କ ସମସ୍ତ ଯିବା ଆସିବା ପାଇଁ ଭୟ କରୁଥିବା ଜଣାପଡିଛି। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବୀ ହେଉଛି।

## ମାରଣାସ୍ତ୍ର ଦେଖାଇ ଲୁଟିନେଲେ ମୋବାଇଲ ଓ ସୁନା ଚେନ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସହର ରେ ଶୁକ୍ରବାର ଭୋର୍ ସମୟରେ ଯୋଡା ବସ ଷ୍ଟାଣ୍ଡ ରୁ ଓହ୍ଲାଇ ଘରକୁ ଯାଉ ଥିବା ଜଣେ ବ୍ୟକ୍ତି କୁ ମାରଣାସ୍ତ୍ର ଦେଖାଇ ମୋବାଇଲ ଓ ସୁନା ଚେନ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ,ଯୋଡା ଅଞ୍ଚଳ ର ହେମନ୍ତ ମହାନ୍ତି ଭୁବନେଶ୍ୱରରୁ ଭୋର୍ ସମୟରେ ଯୋଡା ବସ ଷ୍ଟାଣ୍ଡ ରେ ଓହ୍ଲାଇ ଘରକୁ ଯାଉଥିବା ବେଳେ ରାସ୍ତାରେ ଜଣେ ଦୁର୍ବୃର୍ତ୍ତ ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ମୋବାଇଲ ଫୋନ ଓ ପିନ୍ଧି ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଚେନ୍ ଛଡାଇ ନେଇ ଯାଇଥିଲେ । ଏ ନେଇ ସେ ଯୋଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତ।

## ଲଗାଣ ବର୍ଷା ଧୋଇନେଲା ଚାଷୀଙ୍କ ଭାଗ୍ୟ



ବରୀ,(ମହାଭାରତ); ଲଘୁଚାପ ଜନିତ ବର୍ଷା ଯୋଗୁଁ ବରୀ ଅଂଚଳରେ ପାଚିଲା ବିଓଳି ଧାନ ପାଣିରେ ବୁଡି ନଷ୍ଟ ହେବା ସହିତ ଗଜା ହୋଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଚିନ୍ତାରେ ଚାଷୀ ମାନେ। ପୂର୍ବରୁ ବର୍ଷାର ପରିମାଣ କମ ଯୋଗୁଁ ବିଓଳି ଧାନ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲା। ବର୍ତମାନ ସମୟରେ ବରୀ ଅଂଚଳର କିଛିକାଂଶରେ ଧାନ କଟାଯାଇଥିବା ବେଳେ ବହୁ ମାତ୍ରାରେ ପାଚିଲା ଧାନ କିଆରୀରେ ରହିଛି। ଠିକ ଧାନ କାଟିବା ସମୟରେ ପ୍ରାୟ ପାଂଚ ଦିନ ଧରି ବର୍ଷା ଲାଗି ରହିଥିବାରୁ ଯାହାକୁ ନେଇ ଚାଷି କୁଳ ମୁଣ୍ଡରେ ହାତ ଦେଇ ବସିଛି। ବରୀ ଅଂଚଳେ ସାଧାରଣତ ବିଓଳି ଧାନ ଚାଷ କରି ଚାଷୀ ମାନେ ବେଶ୍ ଉପକୃତ ହୋଇଥାନ୍ତି। ବରୀ ଏକ ବନ୍ୟା ପ୍ରଭାବିତ ଅଂଚଳ ହୋଇଥିବାରୁ ଚାଷ ପ୍ରଭାବିତ ହୋଇଥାଏ। ବାରମ୍ବାର ଚାଷ କାର୍ଯ୍ୟରେ କ୍ଷତି ହେଉଥିବାରୁ ବରୀ ଅଂଚଳର ଅନେକ ଚାଷୀ ଚାଷ କାର୍ଯ୍ୟରୁ ଦୁରେଇ ଗଲେଣି । ଚଳିତ ବର୍ଷ ଲଗାଣ ବର୍ଷା ପ୍ରଭାବରେ ଅରଙ୍ଗାବାଦ, ଉଦୟନାଥପୁର,ରତଲାଙ୍ଗ,ଏରଡା,ଭଅଁରା, ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ, ବାଲିଆ,ଚନ୍ଦନପୁର,କଳାମାଟିଆ ଆଦି ବିଭିନ୍ନ ପଂଚାୟତରେ ବିଓଳି ଧାନ ଚାଷ କରାଯାଇଛି। ଏହି ସବୁ ପଂଚାୟତର ଅନେକ ଚାଷ ଜମିରେ ବର୍ତମାନ ବିଓଳି ପାଚିଲା ଧାନ ବର୍ଷା ପାଣିରେ ବୁଡି ରହିଛି। ଚାଷୀ ମାନେ ଧାନ କିଆରିକୁ ଦେଖିଲେ ମୁଣ୍ଡରେ ହାତ ଦେଇ ବସୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କ୍ଷୟ କ୍ଷତିର ଆକଳନ କରିବା ସହିତ କ୍ଷତି ପୁରଣ ଦେବାକୁ ଚାଷୀ ମାନେ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ଘର



ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ପୌର ପାଳିକା ୱାର୍ଡ଼ ନଂ ୬ ବାଟୁ ହଟିଂର ସନ୍ତୋଷ ମହାନ୍ତଙ୍କ ଘରେ ଶୁକ୍ରବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଘର ଜଳିଯାଇଚି। ସନ୍ତୋଷ ମହାନ୍ତ ଆପାହାତୁ ଖଣିକୁ ଡ୍ୟୁଟିରେ ଯାଇଥିବାବେଳେ, ତାଙ୍କ ସ୍ତ୍ରୀ ପୌର ପାଳିକାର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ କାମ କରିବାକୁ ଯାଇଥିଲେ। ସେମାନଙ୍କ ପୁଅ ସ୍କୁଲକୁ ଯାଇଥିଲା । ତେଣୁ ନିଆଁ ଲାଗିବା ସମୟରେ ଘରେ କେହି ଉପସ୍ଥିତ ନଥିଲେ ସ୍ଥାନୀୟ ଲୋକେ ନିଆଁ ଲାଗିବା ଦେଖି ସନ୍ତୋଷଙ୍କୁ ଜଣାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ସୂଚନା ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ସନ୍ତୋଷଙ୍କ ସବୁକିଛି ପୋଡ଼ି ନଷ୍ଟ ହୋଇଯାଇଛି । ତାଙ୍କୁ ତୁରନ୍ତ ସହାୟତା ପାଇଁ ଦାବି କରିଛନ୍ତି।

## ଗଜପତିରେ ବିଶ୍ୱ ପର୍ଯ୍ୟଟନ ଦିବସ- ୨୦୨୪ ପାଳନ

ପାରଳାଖେମୁଣ୍ଡି,(ମହାଭାରତ): ଆଜି ଜିଲ୍ଲାପାଳଙ୍କ ସମ୍ମେଳନ କକ୍ଷ-୨ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ ଙ୍କ ଅଧକ୍ଷତାରେ ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୪ ପାଳିତ ହୋଇଯାଇଛି। ପ୍ରଥମେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଏବଂ ଉପସ୍ଥିତ ଅନ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ପର୍ଯ୍ୟଟନ ଅଧିକାରୀ (ଭାରପ୍ରାପ୍ତ) ଶ୍ରୀ ଅରୁଣ କୁମାର ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମୁଖ୍ୟ ଅତିଥି ନିଜ ଅଭିଭାଷଣ ରେ ଗଜପତିରେ ଥିବା ବିଭିଭ ପର୍ଯ୍ୟଟନ ଶିଳ୍ପର ସୁରକ୍ଷା କରାଯିବା ସହ ଏହାକୁ ସଫା ରଖିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ଯତା ସହ ପର୍ଯ୍ୟଟନର ବିକାଶ ହେଲେ ଜିଲ୍ଲାର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି ଉପରେ କହିବାକୁ ଯାଇ କହିଥିଲେ ଯେ, ଜିଲ୍ଲାରେ ୧୭ ଗୋଟି ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ରାଜ୍ୟ ସରକାର ୧୬ ଗୋଟ ପର୍ଯ୍ୟଟନ ସ୍ଥଳର ବିକାଶ ନିମନ୍ତେ ଅନୁଦାନ ପ୍ରଦାନ କରିଛନ୍ତି।ଏଥି ମଧ୍ୟରୁ ଗୋଟିଏ ପର୍ଯ୍ୟଟନ ସ୍ଥଳୀ ଯଥା ବୌଦ୍ଧ ମନ୍ଦର, ଚନ୍ଦ୍ରଗିରିରି କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଅନ୍ୟ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହେବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।ଏହି ଅବସରରେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ, ପର୍ଯ୍ୟଟନ ଏବଂ ଶାନ୍ତି ଉପରେ ତା ୨୨-୦୯-୨୦୨୪ ରିଖରେ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଏହି କୁଇଜ୍ ପ୍ରତିଯୋଗିତାରେ ସହର ଏବଂ ପାଖ ଅଞ୍ଚଳର ପ୍ରାୟ ୧୮ ଗୋଟି ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ) ରୁ ୮୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେୟ ଏଥିରେ ମଧ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗୀତା ୨୦୨୩ ରେ କୃତକାର୍ଯ୍ୟ ହୋଇଥିବା ବିଭିଭ ବର୍ଗର ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲ୍ଲାର କିଛି ପର୍ଯ୍ୟଟନ ପ୍ରେମୀ ଏବଂ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀ ନୃସିଂହ ରଥ ତାଙ୍କ ବକ୍ତୃତାରେ କହିଥିଲେ ଯେ ଜିଲ୍ଲାରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀରେ କିପରି ଉଉତି ହେବ ତା ପ୍ରତି ସରକାର ଯଥେଷ୍ଟ ଧ୍ୟାନ ଦେଲେ ଜିଲ୍ଲାକୁ ଅଧିକ ପର୍ଯ୍ୟଟକ ଆସିପାରିଥାନ୍ତେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପୂର୍ବତନ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଗଜପତି ଶ୍ରୀ ରାମଚନ୍ଦ୍ର ପାଢୀ ଏବଂ ସହାୟକ ଶ୍ରୀ ସୁଧିର କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଖଣ୍ଡାରେ ଆକ୍ରମଣ କରି ମେଡ଼ିସିନ ଏଜେଣ୍ଟଙ୍କ ଠାରୁ ଲୁଟ୍



ହିନ୍ଦୋଳ(ମହାଭାରତ)ହିନ୍ଦୋଳରେ ଦିନକୁ ଦିନ ଲୁଟେରାଙ୍କ ଦୌରାତ୍ମ ବଢ଼ି ଚାଲିଥିବା ବେଳେ ସ୍ଥାନୀୟ ପୋଲିସଙ୍କ ପାଇଁ ଏବେ ମୁଣ୍ଡ ବିନ୍ଧାର କାରଣ ସାଜିଛି। ସେହିଭଳି ଏକ ଘଟଣା ଘଟିଛି ହିନ୍ଦୋଳ ବ୍ଲକ୍ ବାଲିମି ଥାନା ଅନ୍ତର୍ଗତ ଗୁରିଲୋ ବହୁବର ପଡ଼ିଆ ଠାରେ। ସୂଚନା ଅନୁଯାୟୀ ଆଜି ସକାଳ ପ୍ରାୟ ୧୧ଟା ସମୟରେ ଅନୁଗୁଳ ଛେଳିଆପଡା ଅଞ୍ଚଳର ସ୍ମୃତି ରଞ୍ଜନ ସାହୁ ନାମକ ଜଣେ ମେଡ଼ିସିନ ଏଜେ□ ହିନ୍ଦୋଳ ଖଜୁରୀଆକଟା ଅଞ୍ଚଳରୁ ମେଡ଼ିସିନ ଦେଇ ସାତମାଇଲ ଫେରିବା ସମୟରେ ହିନ୍ଦୋଳ ଗୁରିଲୋ ବହୁବର ପଡ଼ିଆ ନିକଟରେ ଦୁଇଜଣ ମୁଖାପିନ୍ଧା ଲୁଟେରା ସ୍ମୃତି ରଞ୍ଜନଙ୍କୁ ଅଟକାଇ ତାଙ୍କ ଠାରୁ ବ୍ୟାଗ୍ ଛଡାଇବାକୁ ଚେଷ୍ଟା କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଲୁଟେରା ମାନେ ସ୍ମୃତିରଞ୍ଜନଙ୍କ ମୁଣ୍ଡ ଏବଂ ହାତକୁ ଆକ୍ରମଣ କରି ତାଙ୍କ ଠାରୁ ବ୍ୟାଗ୍ ଏବଂ ପାଖାପାଖି ପଚିଶ ହଜାର ଟଙ୍କା ଲୁଟି ନେଇଥିଲେ। ତେବେ ଗୁରୁତର ଅବସ୍ଥାରେ ସ୍ମୃତିରଞ୍ଜନ ଖଜୁରୀଆକଟା ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ନିକଟ ବାଲିମି ଥାନାରେ ଅଭିଯୋଗ କରିଛନ୍ତ। ତେବେ ବାଲିମି ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରି ଅଧିକ ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର ଅପରାଧି ମାନଙ୍କୁ ଧରାଯିବ ବୋଲି କହିଛନ୍ତି ବାଲିମି ଥାନା ଅଧିକାରୀ ଅମ୍ବି କୁମାର୍ ବିଶ୍ୱାଳ।

## ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକଙ୍କ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର ଅଧକ୍ଷତା ଓ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଆଲୁମିନି କମିଟିର ସଭାପତି ଶିବ ନାରାୟଣ ମିଶ୍ର, ଶିକ୍ଷାବିତ ନଳିନୀକାନ୍ତ ପଣ୍ଡା, କୈଳାସ ନାଥ ସୁବୁଦ୍ଧି, ଶିକ୍ଷକ ବଂଶୀଧର ପାଣିଗ୍ରାହୀ ଓ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ସିମାଞ୍ଚଳ ପାଇକଙ୍କୁ ସମ୍ବର୍ଦ୍ଧନା କରିଥିଲେ। ସଭାର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ, ମାନସ କୁମାର ସେଠୀ ଓ ଶିକ୍ଷୟିତ୍ରୀ ଉମା ବେହେରା ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିବା ବେଳେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଭାରତୀ ମହାନ୍ତି ଓ କନିଷ୍ଠ କିରାଣୀ ଶୁଭଙ୍କା ପ୍ରଧାନଙ୍କୁ ସ୍ୱାଗତ ଜଣାଇ ଥିଲେ।

# କାମରେ ଆସୁନି ଆରୋଗ୍ୟ କେନ୍ଦ୍ର ରୋଗୀ ହନ୍ତସନ୍ତ




ଅସ୍ତରଙ୍ଗ, (ମହାଭାରତ): ସାଧାରଣଲୋକ ଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇଁ ରାଜ୍ୟ ସରକାର ଙ୍କ ତରଫରୁ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କିଛି କିଛି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ଜର, ଥଣ୍ଡା, ପେଟ ବ୍ୟଥା ଏହିଭଳି କିଛି ସମସ୍ୟା ହେଲେ ସ୍ଥାନୀୟ ଲୋକ ବିଭିଭ ଅଞ୍ଚଳ ର ଦୁରରେ ଥିବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କୁ ନଯାଇପାରିଲେ ତାଙ୍କ ଅଞ୍ଚଳ ର ଉପ ସ୍ୱାସ୍ଥ୍ୟକେନ୍ଦ୍ର ରେ ସହଜ ରେ ପହଞ୍ଚି ନିଜ ସ୍ୱାସ୍ଥ୍ୟ ର ସୁରକ୍ଷା କରିପାରିବେ ଓ ତା ସହିତ ଚିକିତ୍ସା ମଧ ହୋଇପାରିବେ, କିନ୍ତୁ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ନମାରୋ ରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ରେ ସବୁସୁବିଧା ଥାଇ କି ମଧ କୌଣସି ପ୍ରକାର ଡାକ୍ତର ଏଠି ପୋଷ୍ଟିଙ୍ଗ ହେଇନାହାନ୍ତି, ସୂଚନା ମୁତାବକ ଜଣେ ମହିଳା ଷ୍ଟାଫ ନର୍ସ ଏଠି ଆସି ଲୋକ ଙ୍କ ଚିକିତ୍ସା କରାଉଛନ୍ତି, ତାହା ପୁଣି ସବୁବେଳେ ନୁହେଁ, ବର୍ତ୍ତମାନ ଷ୍ଟାଫ ନର୍ସ ଙ୍କ ଧର୍ମଘଟ ଚାଲିଛି ସେଥିପାଇଁ ଦିଦି ଏବେ କାମରେ ଯୋଗ ଦେଇ ପାରୁନାହାନ୍ତି। ଏହିଭଳି ଅନେକ ସମୟ ରେ ଦିଦି ସ୍ୱାସ୍ଥ୍ୟକେନ୍ଦ୍ର କୁ ଆସିପାରନ୍ତି ନାହି, ଫଳରେ ଲୋକ ମାନେ ନିଜ ର ସ୍ୱାସ୍ଥ୍ୟଗତ ସମସ୍ୟା କୁ ନେଇ ଏଠୁ ୫ କିଲୋମିଟର ଦୁରରେ ଥିବା ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ପାଇଁ ଘରେ ଘରେ ଜର କାଶ ଥଣ୍ଡା ଝାଡା ବାନ୍ତି ବ୍ୟାପୁଛି, କିନ୍ତୁ ନିଜ ଅଞ୍ଚଳ ରେ ସରକାର ଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ଥାଇ କି ଡାକ୍ତର ନଥିବାରୁ ସାଧାରଣ ଲୋକ ବିଭିଭ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳ ର କିଛି ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଥିବା ବେଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ ପ୍ରଧାନ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ ଏ ବାବଦରେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ସହ ଆଲୋଚନା କରାଯାଇ ସେଠି କିପରି ନିୟମିତ ରୋଗୀ ସେବା ହେବ ତାହା ପ୍ରତି ଧ୍ୟାନ ଦିଆଯିବ।

## ରାସନ ପାଇଁ ଇ-କେୱାଇସି ପଞ୍ଜୀକରଣ ଅବଧି ବଢ଼ିଲା
# ୫ ଲକ୍ଷ ୮୦ ହଜାର ପଞ୍ଜୀକୃତ ଅପେକ୍ଷାରେ ଆହୁରି ଲକ୍ଷେ ୭୦ ହଜାର

ନୟାଗଡ଼, ( ମହାଭାରତ ) : ରାସନ କାର୍ଡରେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗକୁ ଉପଭୋଗ କରୁଥିବା ହିତାଧିକାରୀ ମାନଙ୍କର ସମସ୍ତ ତଥ୍ୟ ସଂଗୃହୀତ କରିବା ପାଇଁ ରାଜ୍ୟ ସରକାର ଇ-କେୱାଇସି ପଞ୍ଜୀକରଣ ଆରମ୍ଭ ହୋଇଛି। ଚଳିତ ମାସରୁ ୨୪ ତାରିଖ ଏହାର ଶେଷ ତାରିଖ ବୋଲି ଧାର୍ଯ୍ୟ କରାଯାଇଥିଲା। ମାତ୍ର ଯେହେତୁ ଏବେ ବି ଲକ୍ଷାଧିକ ହିତାଧିକାରୀଙ୍କର ଏବେ ବି ପଞ୍ଜୀକରଣ କରାଯାଇନାହିଁ, ଏହାର ଅବଧିକୁ ବଢ଼ାଇ ଦିଆଯାଇଛି। ଯାହାକି ଅଧିକାଂଶ ହିତାଧିକାରୀଙ୍କୁ ଏକ ପ୍ରକାର ଆଶ୍ୱସ୍ତି ଆଣିଦେଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହିତାଧିକାରୀ ପଞ୍ଜୀକରଣରେ ନୟାଗଡ଼ ଜିଲ୍ଲା କିନ୍ତୁ ଅନ୍ୟ ଜିଲ୍ଲାଗୁଡ଼ିକୁ ପଛରେ ପକାଇ ଦେଇଛି। ଯେଉଁ ହିତାଧିକାରୀ ମାନଙ୍କର ପଞ୍ଜୀକରଣ କରାଯାଇ ନାହିଁ, ଖୁବ୍‌ଶୀଘ୍ର ଏହାକୁ ଶେଷ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ଯୋଗାଣ ଅଧିକାରୀ ଶ୍ରୀ ମହାନ୍ତିଙ୍କ ସୂଚନା ମୁତାବକ, ନୟାଗଡ଼ରେ ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମୋଟ୍ ୭ ଲକ୍ଷ ୪୯ ହଜାର ୨୭୦ ଜଣ ରାସନ କାର୍ଡ ହିତାଧିକାରୀ ରହିଛନ୍ତି। ଗତ ୨୪ ତାରିଖ ସୁଦ୍ଧା ୭୭.୩% ହାରରେ ମୋଟ୍ ୫ ଲକ୍ଷ ୭୯ ହଜାର ୪୩୪ ଜଣ ହିତାଧିକାରୀଙ୍କର ଇ-କେୱାଇସି ପଞ୍ଜୀକରଣ ଶେଷ ହୋଇଛି। ବାକି ୧ ଲକ୍ଷ ୬୯ ହଜାର ୮୩୬ ଜଣ ଉପଭୋକ୍ତାଙ୍କ ପଞ୍ଜୀକରଣ ଖୁବ୍‌ଶୀଘ୍ର ଶେଷ କରାଯିବ। ଏଣୁ ହିତାଧିକାରୀ ମାନେ ତୁରନ୍ତ ସେମାନଙ୍କର ଇ-କେୱାଇସି ପଞ୍ଜୀକରଣ କରାଇ ନେବାକୁ ସେ ନିବେଦନ କରିଛନ୍ତି। ଅନ୍ୟ ଜିଲ୍ଲା ଗୁଡ଼ିକ ତୁଳନାରେ ସମଗ୍ର ରାଜ୍ୟରେ ଇ-କେୱାସୀ ପଞ୍ଜୀକରଣ କ୍ଷେତ୍ରରେ ନୟାଗଡ଼ ପ୍ରଥମ ସ୍ଥାନରେ ରହିଛି ବୋଲି ସେ କହିଛନ୍ତି। ଏହି ପଞ୍ଜୀକରଣ ଶେଷ ହେବା ପରେ ଜିଲ୍ଲାରେ ବାସ୍ତବରେ କେତେ ରାସନ କାର୍ଡ ଉପଭୋକ୍ତା ରହିଛନ୍ତି, ଏହା ସ୍ପଷ୍ଟ ହୋଇଯିବା ପୂର୍ବ ସରକାରଙ୍କ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାସନ କାର୍ଡ ହିତାଧିକାରୀଙ୍କୁ ବ୍ୟାଗ୍ ଓ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସମୟରେ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ବ୍ୟାଗ୍ ଓ ଟଙ୍କା ନେବାକୁ ଆସିଲେ ନାହିଁ। ଫଳରେ ଏମାନେ ଭୂତ ରାସନ କାର୍ଡ ହିତାଧିକାରୀ ବୋଲି ଜଣାପଡ଼ିଥିଲେ। ବହୁ ଥିଲାବାଲା ଘରର ଲୋକମାନେ ସମସ୍ତଙ୍କ ସାମ୍ନାରେ ଏହି ସହାୟତା ରାଶି ନେବାକୁ କୁଣ୍ଠାବୋଧ କରିଥିଲେ। ବର୍ତ୍ତମାନ ଏହିପରି ହିତାଧିକାରୀ ମାନଙ୍କୁ ଚିହ୍ନଟ କରିବା ପାଇଁ ଇ-କେୱାଇସି ପଞ୍ଜୀକରଣ ଯୋଜନା କରାଯାଇଛି। ଏଣୁ ବର୍ତ୍ତମାନ ଏହାର ଅବଧି ଶେଷ ହେବା ପରେ ଜିଲ୍ଲାରେ ବାସ୍ତବରେ କେତେ ଜଣ ରାସନ କାର୍ଡ ହିତାଧିକାରୀ ରହିଛନ୍ତି, ତାହା ଜଣାପଡ଼ିଯିବ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଜନଜାତି ହିତାଧିକାରୀଙ୍କୁ ମାଛ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ, ପ୍ରଦର୍ଶନ ଓ ସାମଗ୍ରୀ ବଣ୍ଟନ



ବିଷମ କଟକ (ମହାଭାରତ)/ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଅନ୍ତର୍ଗତ ନିୟମ ଗିରି ପାହାଡ଼ ଉପରେ ଓ ଏହାର ଆଖ ପାଖ ଅଂଚଳରେ ବସ ବାସ କରୁଥିବା ଆଦିବାସୀ ମାନକୁ ଓପେଲିପି, ଓ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚଟିକୋଣା ସହଯୋଗ ରେ ଆଇ. ସି. ଏ.ଆର -କେନ୍ଦ୍ରୀୟ ମଧୁର ଜଳ କୃଷି ଗବେଷଣା ପ୍ରତିଷ୍ଠାନ ସହାୟତା ରେ ବିଶେଷ ଭାବେ ଅନୁନ୍ନତ ଜନଜାତି-ଡଙ୍ଗରିଆ କନ୍ଧ ଓ ଜନଜାତି ହିତାଧିକାରୀଙ୍କୁ ଏକକ ମାଛ ଚାଷ ସଂବଧିୟ ପ୍ରଶିକ୍ଷଣ, ପ୍ରଦର୍ଶନ ଓ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ବୈଜ୍ଞାନିକ ଡଃ ସୁଧାଂଶୁ ଶେଖର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅଧିକାରୀ, ଡ଼ିକେଡିଏ ର ଜଗବନ୍ଧୁ ମେହେର, ବୈଜ୍ଞାନିକ ଉଦୟ କୁମାର ଉଦିତ, ଶ୍ରୀ ଦୁର୍ଗା ପ୍ରସାଦ ରଥ ପ୍ରମୁଖ ଯୋଗ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କୁ ମାଛ ଚାଷ ଓ ଦାନା ପ୍ରସ୍ତୁତି ପ୍ରଣାଳୀ ସଂବଧିୟ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୦୭ଟି ସ୍ୱୟଂ ସହାୟକ ଗୋଷ୍ଠୀ କୁ ୨ଷକ୍ତି ପମ୍ପ,୦୭ ଟି ସ୍ୱୟଂ ସହାୟକ ଗୋଷ୍ଠି ଦାନା ପ୍ରସ୍ତୁତ କଳ,୧୧ ଟି ସ୍ୱୟଂ ସହାୟକ ଗୋଷ୍ଠୀ କୁ ୩୦୦୦ ବତକ ଯାଆଁଳା,୭୦ ଜଣ ମହିଳାଙ୍କୁ ସୌର ଲଣ୍ଠନ, କୁକୁଡ଼ା ଦାନା, ମାଛ ଦାନା, ମାଛ ଜାଲ ପ୍ରଭୁତି ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ପରିଚାଳନା କରିଥିଲେ।

# ଶିମିଳିପାଳ ହାତୀଙ୍କ ଉପଦ୍ରବରେ ଚାଷୀ ହନ୍ତସନ୍ତ, ଏକର ଏକର ଫସଲ ନଷ୍ଟ

କରଞ୍ଜିଆ, (ମହାଭାରତ) ଶିମିଳିପାଳ ରୁ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ ର ଗ୍ରାମ ନିକଟକୁ ଆସି ହାତୀପଲ ବ୍ୟାପକ ଭାବେ ଧାନ ଫସଲ ନଷ୍ଟ କରି ଦେଉଛନ୍ତି। ୨ ଦିନ ଭିତରେ ୬ ଟି ହାତୀ ଠାକୁରମୁଣ୍ଡା ନିକଟ ରୁଗୁଡିବେଡା, ଜମୁନାଳିଆ,ଠାକୁରମୁଣ୍ଡା ବନ୍ଧ ସାହି, ନିହାଣଗଣ୍ଡି, ଗୁହାଳଡ଼ିହି, କାଳିଆପୋଷୀ, ତାଳପଦା, ଚକୁଳିଆ ଗ୍ରାମ ନିକଟ ଧାନ ବିଲ ଗୁଡିକ ରେ ପଶି ଧାନ ଗଛ ଖାଇବା ସହ ମାଡି ନଷ୍ଟ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ହାତୀ ପଲ ରେ ମାଈ ହାତୀ ୩ ଟି ଓ ଦନ୍ତା ହାତୀ ୨ଟି ,ଛୁଆ ହାତୀ ୧ ଟି ମିଶାଇ ୬ ଟି ହାତୀ ଠାକୁରମୁଣ୍ଡା ନିକଟ ଖେଜୁରିଆ ଜଙ୍ଗଲ ଭିତରେ ରହୁଛନ୍ତି। ଗୁରୁବାର ରାତିରେ ଏହି ହାତୀ ପଲ ଠାକୁରମୁଣ୍ଡା ଗ୍ରାମ ବନ୍ଧ ସାହି ନିକଟ ରେ ଥିବା ସଞ୍ଜୁ ପରିମାଣିକ ଓ ପଦ୍ମିନୀ ଦେହୁରୀ ଙ୍କ ଧାନ ବିଲ ରେ ପଶି ଧାନ



ଫସଲ ଖାଇ ନଷ୍ଟ କରି ଦେଇଛନ୍ତି। ସେହିପରିବ ପୂର୍ବରୁ ରୁଗୁଡିବେଡା ଗ୍ରାମର ସୁଦାମ ଚରଣ ବାରିକ,ଛତିଶ ଚନ୍ଦ୍ର ବାରିକ,ଶ୍ରୀମୟ ବାରିକ,ତ୍ରିଲୋଚନ ବାରିକ,ଜମୁନାଳିଆ ଗ୍ରାମର ସମାଇ ସମାଡ଼,ପ୍ରଧାନ ସାମାଡ଼,ନିହାନଗଣ୍ଡି ଗ୍ରାମର ଉଷା ରାଣୀ ନାଏକ,ବିମଳା କୁଲାପର୍ଡିଆ,ଅର୍ଭିରାମ ପାଲଟା,ଗୁହାଳଡ଼ିହି ଗ୍ରାମର ପରମେଶ୍ୱର ପାଲଟା, କଳିଆପୋଷି ଗ୍ରାମର ବିଜୟ ହୋ,ଦିବାକର ଲୁଗୁନ,ତାଳପଦା ଗ୍ରାମର ଜଟ ଗିରି,ପଦ୍ମଲୋଚନ ଗିରି,ଚକୁଳିଆ ଗ୍ରାମର ଅର୍ଜୁନ ମାରାଣ୍ଡି,ପାଲୁ ମାରାଣ୍ଡି, ବଡ ଫାଗୁ ସରେନ ଙ୍କୁ ମିଶାଇ ଏକର ଏକର ପରିମାଣ ର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ହାତୀ ଙ୍କ ଦ୍ୱାରା ନଷ୍ଟ ହୋଇ ଥିବା ଧାନ ଫସଲ ଚାଷୀ ମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହେଉଛି। ବର୍ତମାନ ଖଜୁରୀଆ ସଂରକ୍ଷିତ ଜଙ୍ଗଲରେ ଥିବା ବନବିଭାଗ ପକ୍ଷରୁ ଜଣା ପଡ଼ିଛି।

## ପାରାଦୀପ କଷ୍ଟମ ବିଭାଗ ପକ୍ଷରୁ ବେଳାଭୂମି ସ୍ୱଚ୍ଛତା କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): ଦେଶବ୍ୟାପୀ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନର ଏକ ଅଂଶ ଭାବେ ପାରାଦୀପ କଷ୍ଟମ ବିଭାଗ ପକ୍ଷରୁ ଏକ ବେଳାଭୂମି ସ୍ୱଚ୍ଛତା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ କଷ୍ଟମ ବିଭାଗର ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ସହ ଏକ ସ୍ୱଚ୍ଛ ଏବଂ ଆବର୍ଜନା ମୁକ୍ତ ସମୁଦ୍ର ବେଳାଭୂମି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। ଏହି ଅବସରରେ ହିତାଧିକାରୀଙ୍କ ଉଦ୍ୟମକୁ ପ୍ରଶଂସା କରି ପାରାଦୀପ କଷ୍ଟମ୍ସ ଡିଭିଜନର ସହକାରୀ କମିଶନର ଅଶୋକ କୁମାର କର କହିଥିଲେ ଯେ ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ପାଇଁ ଆମ ବିଭାଗର ପ୍ରତିବଦ୍ଧତା ରହିଛି । ଏକ ପରିଷ୍କାର ଏବଂ ଆବର୍ଜନା ମୁକ୍ତ ସମୁଦ୍ର ବେଳାଭୂମି ସୃଷ୍ଟି କରି, ଆମେ କେବଳ ସାଧାରଣ ଜନ ଜୀବନର ଉନ୍ନତି କରୁନାହୁଁ ବରଂ ଆମ ସମ୍ପ୍ରଦାୟର ସାମଗ୍ରିକ ସୁସ୍ଥତା ପାଇଁ ମଧ୍ୟ ଚେଷ୍ଟା କରିଛୁ । ଅନ୍ୟମାନଙ୍କ ମଧ୍ୟରେ ସୁବାଶିଷ ସାମଲ, ସଞ୍ଜୟ କୁମାର ରଣା, ଜୟନ୍ତ କୁମାର, ଅଶୋକ କୁମାର ଙ୍କ ସମେତ ପାରାଦୀପ କଷ୍ଟମ୍ସ ଡିଭିଜନର ଅଗ୍ରଣୀ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ହିତାଧିକାରୀ ଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଯାଇଥିଲା ।

## ଜିଲ୍ଲା ସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ଶୁଭାରମ୍ଭ



କଳାହାଣ୍ଡି(ମହାଭାରତ): ଭବାନୀପାଟଣା ତା. ୨୬.୦୯.୨୦୨୪ :- ଆଜି ଭବାନୀପାଟଣା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କଲେଜ ଛକ ଠାରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ବୟସ୍କଙ୍କ ବିସିଜି ଟିକାକରଣ ଅଭିଯାନ ର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାସର ସମସ୍ତ ସୋମବାର, ମଙ୍ଗଳବାର ଓ ଗୁରୁବାର ଦିନ ଜିଲ୍ଲାର ମୋଟ ୨୯୩୨୮୯ ହିତାଧିକାରୀଙ୍କୁ ୨୬୦ ଟି ଟିକାକରଣ କେନ୍ଦ୍ରରେ ଟୀକା ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି ଟିକାକରଣ ପାଇଁ ଯୋଗ୍ୟତା ନିର୍ଦ୍ଦେଶବଳୀ ଯଥା : ଯକ୍ଷ୍ମା ରୋଗର ଅତୀତର ଇତିହାସ (ଶେଷ ୫ ବର୍ଷ), ଯକ୍ଷ୍ମା ରୋଗୀଙ୍କ ସମ୍ପର୍କ (ଗତ ୩ ବର୍ଷ), ମଧୁମେହ ବ୍ୟକ୍ତି,ବଡ଼ିମାକ୍ସ ଇନ୍ ଡେକ୍ସ ଅଠର ବର୍ଷ ରୁ କମ, ଧୂମପାନକାରୀ, ୬୦ ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତି ଟୀକା ନେଇପାରିବେ। ସେହିପରି ଅଠର ବର୍ଷର କମ ବ୍ୟକ୍ତି, ଗର୍ଭବତୀ ଏବଂ ପ୍ରସୂତି ମହିଳା, ୩ ମାସ ମଧ୍ୟରେ ରକ୍ତ ନେଇଥିବା ବ୍ୟକ୍ତି, କୌଣସି ଟୀକା ବା ବିସିଜି ନେଇ ପାର୍ଶ୍ୱପ୍ରତିକ୍ରିୟା ହୋଇଥିଲେ, ପ୍ରତିରୋଧକ କ୍ଷମତା ବ୍ୟକ୍ତି ଓ ଅଙ୍ଗ ପ୍ରତ୍ୟଙ୍ଗ ରୋପଣ ହୋଇଥିଲେ, ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି, ଅସୁସ୍ଥ ବ୍ୟକ୍ତି ଇତ୍ୟାଦି ଟୀକା ନେଇପାରିବେ ନାହିଁ। ଏହି କାର୍ଯ୍ୟକ୍ରମରେ ଡିନ ଆଣ୍ଡ ପ୍ରିନ୍ସିପାଲ ଏସ.ଆର.ଏମ.ଏମ.ସି.ଏଚ. ଡଃ. ବସନ୍ତ କୁମାର ପ୍ରଧାନ, ସି.ଡି.ଏମ.ଓ. ଡଃ. ସୁଚେତା ପାଣି, ଡି.ପି.ଏଚ.ଓ. ଡଃ. ରାକେଶ କୁମାର ସାହୁ, ଏ.ଡି.ପି.ଏଚ.ଓ.-ଏଫ.ଡବ୍ଲୁ. ଡଃ. ଦେବୀ ପ୍ରସାଦ ମହାପାତ୍ର, ଏଡମିନିଷ୍ଟ୍ରେଟିଭ ଅଫିସର ସି.ଡି.ଏମ. ଏବଂ ପି.ଏଚ.ଓ. ସଂଘମିତ୍ର ପ୍ରଧାନ, ଡି.ପି.ଏମ.-ଏନ.ଏଛ.ଏମ. ଭବାନୀ ଶଙ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପଥପ୍ରାନ୍ତ ନାଟକ ଆୟୋଜିତ



ଅନୁଗୋଳ,(ମହାଭାରତ):ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ, ଅନୁଗୋଳ (ମୁନିସପ୍ୟାଲିଟି କାର୍ଯ୍ୟାଳୟ ସମ୍ମୁଖ) ନିକଟରେ ଏସିଡ ଆକ୍ରମଣରେ ପୀଡ଼ିତାଙ୍କୁ ଆଇନ ସହାୟତା, କ୍ଷତିପୂରଣ ବ୍ୟବସ୍ଥା ସେଥିପାଇଁ ଦୋଷୀଙ୍କୁ ଦଣ୍ଡବିଧାନ ଓ ପୀଡ଼ିତା ଙ୍କୁ କ୍ଷତିପୂରଣ ଯୋଜନା, ୨୦୧୭ ବିଷୟରେ ଏକ ଯଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଅଛି। ଏହି ନାଟକରେ ଅନୁଗୋଳ ବାର ଆସୋସିଏସନ୍ ଓକିଲ ବୃନ୍ଦ, ଶିଶୁ ମଙ୍ଗଳ କମିଟିର ସଦସ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅନୁଗୋଳର ସ୍ୱେଚ୍ଛାସେବୀ ଗଣ ଅଂଶଗ୍ରହଣ କରିଥିଲେ। ସେମାନେ ନାଟକ ମାଧ୍ୟମରେ ଏସିଡ ଆକ୍ରମଣ ଦ୍ୱାରା ପୀଡ଼ିତାର କ୍ଷତି ଏବ ସେଥିପାଇଁ ସରକାରଙ୍କର ତରଫରୁ ଦିଆଯାଉଥିବା କ୍ଷତିପୂରଣ ରାଶି, ଦୋଷୀ ପାଇଁ ଥିବା ଦଣ୍ଡବିଧାନ ଓ ପୀଡ଼ିତାଙ୍କୁ କ୍ଷତିପୂରଣ ଯୋଜନା, ୨୦୧୭ ବୁଝାଇଥିଲେ ଏବଂ ତା ସହିତ ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକ ସ୍ୱରରେ ପଛୁଆ ଥିବା ବ୍ୟକ୍ତିଙ୍କ ମାଗଣାରେ ଆଇନ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ ରାଜ୍ୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି ମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ ବୋଲି ନାଟକରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଅଦାଲତର ବିଚାରପତିଗଣ, ଅନୁଗୋଳ ବାର ଆସୋସିଏସନର ଓକିଲ ବୃନ୍ଦ, ପ୍ରଶାସନିକ ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅନୁଗୋଳର ସ୍ୱେଚ୍ଛାସେବୀ ଗଣ, ଆରକ୍ଷୀ ବିଭାଗ, ଆଇନସେବା ପ୍ରାଧିକରଣର କର୍ମଚାରୀ, ଜନ ସାଧାରଣ ପ୍ରମୁଖ ଉପସ୍ଥିତ ରହିଥିଲେୟ କାର୍ଯ୍ୟକ୍ରମଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଆୟୋଜନ କରିଥିଲେ।

## ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ମହାନଦୀ ଅବବାହିକାରେ ସାଢେ ଛଅ ହଜାର ହେନ୍ତାଳ ଚାରାରୋପଣ

ପାରାଦୀପ(ମହାଭାରତ) ଜଗସିଂହପୁରର ଜିଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ।ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦଙ୍କ , ବିଶ୍ୱାଳୀ ତରଫରୁ ଚଉମୁହାଣିର ଆମ୍ବଗୋଲାଠାରେ ଚାଲିଥିବା ବର୍ଷା ଋତୁରେ ବ୍ୟାପକ ହେନ୍ତାଳ ଚାରାରୋପଣ କାର୍ଯ୍ୟକ୍ରମ ସମାପ୍ତ ହୋଇଅଛି । ଚଳିତ ବର୍ଷାଋତୁ ପ୍ରାରମ୍ଭରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛଅଟି ପର୍ଯ୍ୟାୟରେ ସାଢେ ଛଅ ହଜାରରୁ ଉର୍ଦ୍ଧ୍ୱ ହେନ୍ତାଳ ଚାରାରୋପଣ କରାଯାଇଛି । ପ୍ରଥମେ ସରଂକ୍ଷଣ ସ୍ଥାନରୁ ବଡ ଡଙ୍ଗା ସାହାଯ୍ୟରେ ମହାନଦୀ ଭିତରକୁ ଚାରାଗୁଡ଼ିକୁ ନିଆଯାଇ ନିୟମିତ ବ୍ୟବଧାନରେ ରୋପଣ କରାଯାଇଛି । ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି ସେପ୍ଟେମ୍ବର ୨୭ ତାରିଖରେ ସମାପ୍ତ ହୋଇଛି । ବର୍ଷା ଦିନ



ପ୍ରାରମ୍ଭରେ ନଦୀର ମଧ୍ୟ ଭାଗରେ ଥିବା ଟାପୁରେ ଶହସ୍ରାଧିକ ଚାରା ସରଂକ୍ଷଣ କରାଯାଇ ପର୍ଯ୍ୟାୟ କ୍ରମେ ଏହି କାମ ପ୍ରତିକୂଳ ପାଗ ଓ ମହାନଦୀର ପ୍ରଖର ସ୍ରୋତ ପ୍ରବାହିତ ସ୍ୱତେ ଅନୁଷ୍ଠାନର ନିରବଚ୍ଛିନ୍ନ ଉଦ୍ୟମ ବଳରେ ଅସାଧ୍ୟକୁ ସାଧନ କରାଯାଇଛି । ମୁଖ୍ୟତଃ ବନୀ, ରଇ, ଗରଣୀ ,ଅରୁଅ, ସିନ୍ଦୁକା ପ୍ରଭୁତି ଚାରାରୋପଣ କରାଯାଇଛି । ଏହି ଅବଧି ମଧ୍ୟରେ ସେଠାରେ ଥିବା ମତ୍ସ୍ୟଜିବୀ ଓ ମଈଷୀ ପାଳନ କରି ଜିବିକା ନିର୍ବାହ କରୁଥିବା ବ୍ୟକ୍ତିବିଶେଷଙ୍କୁ ହେନ୍ତାଳବନର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅନୁଷ୍ଠାନ ବିହୀତ ପଦକ୍ଷେପ ନିଆଯାଇଛି । ବିଭିନ୍ନ ସମୟରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଥିଲା । ବର୍ଷା ପରେ ପୁଣି ଡିସେମ୍ବର ମାସରୁ ଏହି କାର୍ଯ୍ୟ ଚାଲୁରହିବ । ବର୍ଷା ଋତୁର ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ କୁମାର ପଲେଇ,ବରିଷ୍ଠ ସଭ୍ୟ ଅମୂଲ୍ୟ ଦାସ,ଅଭିଜିତ ପଲେଇ,ଅଲେଖ ସାମଲ ,ଗ୍ରାମ୍ୟ ମୁରବି ପରକ୍ଷିତ ସାମଲ, ସଭ୍ୟ ଜିତେନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ । ବିଗତ ଦଶନ୍ଧି ଧରି ଏହି ଅଞ୍ଚଳରେ ବାବା ବାଲୁଙ୍କେଶ୍ୱର ଅନୁଷ୍ଠାନ ତରଫରୁ ବ୍ୟାପକ ହେନ୍ତାଳ ଚାରା ସହିତ ମଞ୍ଜି ରୋପଣ କରାଯାଇ ସହସ୍ରାଧିକ ହେନ୍ତାଳ ବୃକ୍ଷ ସୃଷ୍ଟି କରାଯାଇଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଆହୁରି ବ୍ୟାପକ ଭାବରେ ଚାଲୁ ରହିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପରିବେଶବିତ୍ ଅମରେଶ ନରେଶ ସାମନ୍ତ ସୂଚନା ଦେଇଛନ୍ତି । ଅନୁଷ୍ଠାନର ଏହି ନିରବଚ୍ଛିନ୍ନ ପ୍ରୟାସକୁ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ରାଉତ ଓ ପାରାଦୀପ୍ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ପ୍ରସଂଶା କରିଛନ୍ତି କ୍ଷ ତେବେ ଏହି ବ୍ୟାପକ ହେନ୍ତାଳ ବଣ ସୃଷ୍ଟି ଦ୍ୱାରା ମହାନଦୀ ମୁହାଁଣରୁ ମୃତ୍ତିକା କ୍ଷୟ ଯଥେଷ୍ଟ ପରିମାଣରେ କମିବ ବୋଲି ପରିବେଷବିତ ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ମଞ୍ଚସ୍ଥ ହେଲା ନାଟକ ବାପାକୁ ହେଇଛି ଜ୍ୱର

ଆସିକା(ମହାଭାରତ):କେନ୍ଦ୍ର ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରତେକ ଦିନ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଆଜି ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ଏକ ନାଟକ ବାପାକୁ ହୋଇଛି ଜ୍ୱର ନାମକ ନାଟକ କବି ରତ୍ନାକର ସିୟ ଙ୍କ ଦ୍ୱାରା ଉପସ୍ଥାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ ଙ୍କ ଅଧକ୍ଷୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଆସିକା ବିଡ଼ିଓ ଫକୀର ଚରଣ ପରିଡା ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ସମ୍ମାନିତ ଅତିଥିଭାବେ ଉପାଧକ୍ଷା ଜୟନ୍ତୀ ବିଷୋୟୀ ଉପସ୍ଥିତ ରହିଥିଲେ।

## ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ନୂତନ ସିଆରସିସି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା(ମହାଭାରତ): ସମଗ୍ର ଶିକ୍ଷା ଛତ୍ରପୁର ପକ୍ଷରୁ ଆସିକା ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ଅଧୀନ ୧୧ଟି କ୍ଲଷ୍ଟରରେ ୧୧ ଜଣ ସିଆସିସ ନୂତନ ଭାବେ ନିଯୁକ୍ତି ପାଇଛନ୍ତି। ଏହି ନୂତନ ସି ଆର ସି ସି ମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍ନାରାଣୀ ମହାନ୍ତି ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥୀ ପାତ୍ର ଓ ବିଭୁନନ୍ଦନ ପଣ୍ଡା ଙ୍କ ସମେତ ନବ ନିଯୁକ୍ତ ସିଆରସିସି ଓ ନିଜ କାର୍ଯ୍ୟରୁ ବିରତି ନେଇଥିବା ସିଆରସିସି ଉପସ୍ଥିତ ରହିଥିଲେ। ଏହି ବୈଠକ ରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମସ୍ତ ପାଠକ୍ରମ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତାକୁ ନିର୍ଣ୍ଣୟ କରିବା ଓ ଅଭିଭାବକ, ଗୋଷ୍ଠୀ ସଦସ୍ୟଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକାରିତା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଆରମ୍ଭ ହୋଇଥିବା ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ନିପୁଣ ଓଡିଶା ମିଶନକୁ ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ କାର୍ଯ୍ୟ କରିବାକୁ ଅତିଥିମାନେ କହିଥିଲେ।

## ଖଣି ନିକଟରେ ଧାରଣା, ପରିବହନ ସମ୍ପୂର୍ଣ୍ଣ ବନ୍ଦ



ଯୋଡା : (ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଟଣ୍ଟୋ ଗ୍ରାମରେ ଥିବା ନର୍ଭେରାମ ଖଣିର ଡେସପାଚ ଫାଟକ ନିକଟରେ କିଛି ସ୍ଥାନୀୟ ବାସିନ୍ଦା ଖଣି ରୁ ହେଉଥିବା ଖଣିଜ ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ଖବର ଅନୁଯାୟୀ ନର୍ଭେରାମ ଖଣିରେ ବିଗତ ତିନି ମାସ ହେବ ସ୍ଥାନୀୟ ଲୋକ ଓ ଖଣି କମ୍ପାନୀ ମଧ୍ୟରେ ସ୍ଥାନୀୟ ନିଯୁକ୍ତି ଓ ପରିବହନ କାର୍ଯ୍ୟକୁ ନେଇ ଦ୍ୱନ୍ଦ ଚାଲିଛି। ତେବେ ଏହାକୁ ନେଇ ଖଣି ମାଲିକ ଙ୍କ ହସ୍ତକ୍ଷେପ ରେ ଏହାର ଏକ ସମାଧାନ ବାହାରି ଥିବା ବେଳେ ଖଣି କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସମସ୍ତ ଦାବି କୁ ମାନିନେବା ପାଇଁ ଆଗେଇ ଆସିଥିବା ଜଣାପଡିଛି। ତେବେ ଶୁକ୍ରବାର ଠାରୁ ଖଣିରୁ ପରିବହନ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ସ୍ଥାନୀୟ କିଛି ବାସିନ୍ଦା ପରିବହନକୁ ବନ୍ଦ କରିବା ପାଇଁ ଡେସପାଚ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦା କୌଣସି ପ୍ରତିକ୍ରିୟା ଦେବାକୁ ଇଚ୍ଛା ପ୍ରକାଶ କରି ନ ଥିବା ବେଳେ ନର୍ଭେରାମ କମ୍ପାନୀ ର ଉପ ସଭାପତି ସଦାନନ୍ଦ ରଣା ଗଣମାଧ୍ୟମ କୁ ସୂଚନା ଦେଇ କହିଛନ୍ତି ଯେ କମ୍ପାନୀ ଗ୍ରାମବାସୀଙ୍କ ସମସ୍ତ ଦାବୀ କୁ ଗ୍ରହଣ କରିଛି ଏବଂ କମ୍ପାନୀ ସର୍ବଦା ସ୍ଥାନୀୟ ଗ୍ରାମବାସୀ ଙ୍କ ସହ ଅଛି । ଆଗକୁ ରହିବ ମଧ୍ୟ, ତେବେ ସେ ଆହୁରି କହିଛନ୍ତି ଯେ କିଛି ନେତା ନିରୀହ ଜନସାଧାରଣଙ୍କୁ ହାତ ବାରିସି କରି ନିଜର ଫାଇଦା ଉଠାଇବା ପାଇଁ ଖଣି ରୁ ପରିବହନକୁ ବନ୍ଦ କରୁଛନ୍ତି ଏବଂ ଯେଉଁମାନେ ଉକ୍ତ ଧାରଣା ସ୍ଥଳରେ ଅଛନ୍ତି ସେମାନଙ୍କ ମଧ୍ୟରୁ କିଛି ଲୋକ ଖଣି ରେ ଏବଂ ଖଣି କାର୍ଯ୍ୟ ରେ ନିୟୋଜିତ ଅଛନ୍ତି। ତେବେ ଆଉ ଏକ ତଥ୍ୟ ସାମ୍ନାକୁ ଆସିଛି ଯେ ଜଣେ ରାଜନେତା ଟନ ପିଛା ୨୦ ଟଙ୍କା କମିସନ୍ ନେବା ପାଇଁ ପ୍ରଚ୍ଛଦ ପଟ ରେ ରହି ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟବହାର କରିବାକୁ ଲାଗିଛି। ତେବେ ଖୋଦ ମୁଖ୍ୟମନ୍ତ୍ରୀ ବିଭିନ୍ନ ଭାଷଣ ରେ ଖଣି ମାଫିଆ, ଦଲାଲ ମାନଙ୍କୁ ଖୁବ ଶୀଘ୍ର ଦଣ୍ଡ ଦିଆଯିବ ବୋଲି ଖୋଲାଖୋଲି ଭାବେ କହୁଥିବା ବେଳେ ତାଙ୍କ ଜିଲ୍ଲାରେ କମିସନ କାରବାର କୁ ନେଇ ଖଣି କାର୍ଯ୍ୟ ଓ ପରିବହନ କାର୍ଯ୍ୟ ବନ୍ଦ କରି ରାଜସ୍ ଆଦାୟ ରେ ବାଧା ସୃଷ୍ଟି କରୁଥିବା ଦଲାଲ ମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।

## ଏସଜି କଲେଜ ପ୍ରାଣୀବିଜ୍ଞାନ ପାଠଚକ୍ରର ବାର୍ଷିକ ଉତ୍ସବ

ଦଶରଥପୁର(ମହାଭାରତ ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ ) ପ୍ରାଣିବିଜ୍ଞାନ ପାଠଚକ୍ରର ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟିଙ୍କ ସଂଗୀତ ନିର୍ଦ୍ଦେଶନାରେ ପାଠଚକ୍ରର ଛାତ୍ରଛାତ୍ରୀ ସମୀକ୍ଷା ଦାସ, ଶୈଳେନ୍ଦ୍ର ଜେନା ଓ ସମ୍ବିତ ଶୁଭଙ୍କର ଦାସ ବନ୍ଦେ ଉତ୍କଳ ଜନନୀସଂଗୀତ ଗାନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବୈଜ୍ଞାନିକ



ଡ଼ଃ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ପାଠଚକ୍ରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ଼ଃ ମୁରାରୀ ମୋହନ ଦାସ ଯୁବକଙ୍କ ହୃଦଘାତଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ପାଠଚକ୍ରର ସମ୍ପାଦିକା ହୀରାନ୍ଦି ରାୟ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅଧ୍ୟକ୍ଷ ସମସ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିମନ୍ତ୍ରିତ ଅତିଥି ମାନେ ୨୦୨୨/୨୩/୨୪ଶିକ୍ଷା ବର୍ଷରେ ଶେଷ ବର୍ଷ ପ୍ରାଣୀ ବିଜ୍ଞାନ ସଂମ୍ମାନରେ ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ 'ଶ୍ରେଷ୍ଠ ସ୍ନାତକ ସଂମ୍ମାନ' ଭାବେ ଓ ଶ୍ରେଷ୍ଠ ସ୍ନାତକ ଛାତ୍ର ଭାବେ ସମ୍ବିତ ଶୁଭଙ୍କର ଦାସ ଓ ଶ୍ରେଷ୍ଠ ଛାତ୍ରୀ ଭାବେ ବିଶାଖା ସୂତାରଙ୍କୁ ସମ୍ବୋର୍ଦ୍ଧିତ କରିଥିଲେ । ଏହା ସହ ଶ୍ରେଷ୍ଠ ସାହିତ୍ୟିକ ସଂମ୍ମାନ ସ୍ୱାତୀ ସ୍ୱାଗତିକା ବାରିକ, ଶୁଭଲକ୍ଷ୍ମୀ ସାହୁ, ଓ ସମ୍ବିତ ଶୁଭଙ୍କର ଦାସଙ୍କୁ ସମ୍ବୋର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ପାଠଚକ୍ର ସମ୍ପାଦିକା ଭାବେ ସ୍ୱାତୀ ସ୍ୱାଗତିକା ବାରିକ, କବିତା ଦାସ, ହୀରାନ୍ଦି ରାୟଙ୍କୁ ସ୍ୱତନ୍ତ୍ର ସଂମ୍ମାନରେ ସମ୍ବୋର୍ଦ୍ଧିତ କରିଥିଲେ। ୨୦୨୪ ଶେଷ ବର୍ଷ ବିଶ୍ୱ ବିଦ୍ୟାଳୟ ପରୀକ୍ଷାରେ ପ୍ରାଣୀ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଶ୍ରଦ୍ଧାଞ୍ଜଳି ସାହୁ, ପ୍ରିୟଦର୍ଶିନୀ ଜେନା ଓ ରୋଜିରାଣୀ ପରିଡ଼ାଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ ।


# ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ





## କଲାମଙ୍କ ସହ ଲାଡେନକୁ ତୁଳନା କଲେ ଏନସିପି ନେତାଙ୍କ ପତ୍ନୀ



**ନୂଆଦିଲ୍ଲୀ,୨୭।୯):** ଏନସିପି ( ଶରଦ ପାଓ୍ୱାର) ନେତା ଜିତେନ୍ଦ୍ର ଆହ୍ୱାଡଙ୍କର ପତ୍ନୀ ସ୍କୁଲରେ ଏକ କାର୍ଯ୍ୟକ୍ରମ ବେଳେ , ନିଜ ଭାଷଣରେ ଓସାମା ବିନ୍ ଲାଡେନ ସହ ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଏପିଜେ ଅବଦୁଲ କଲାମଙ୍କୁ କରିଥିଲେ ତୁଳନା । ଏହାପରେ ତାଙ୍କର ବୟାନକୁ ନେଇ ଖୁବ୍ ବିରୋଧ ହୋଇଥିଲା । ଏବେ ରୁତା ଆହ୍ୱାଡଙ୍କ ନିଜ ବୟାନରେ ସଫେଇ ଦେଇଛନ୍ତି। ଓସାମା ବିନ ଲାଡେନକୁ ନେଇ ନିଜ ବୟାନରେ ଏନସିପି-ଏସସିପି ନେତା ଜିତେନ୍ଦ୍ର ଆହ୍ୱାଡଙ୍କର ପତ୍ନୀ ରୁତା ଆହ୍ୱାଡ କହିଛନ୍ତି , ତାଙ୍କ ବୟାନକୁ ଏଡିଟ୍ କରାଯାଇଛି , ଯାହା ବିଷୟରେ ସେ କିଛି ଜାଣି ନାହାନ୍ତି । ନ୍ୟୁଜ୍ ଏଜେନ୍ସି ଏଏନଆଇ ମୁତାବିକ, ରୁତା ଆହ୍ୱାଡ କହିଛନ୍ତି , ଆଜିର ପିଢି ପଢୁ ନାହିଁ, ଏଥିପାଇଁ ମୁଁ ତାଙ୍କୁ କହିଲି କି, ସେମାନେ ନିଜର ମୋବାଇଲ ଫୋନ୍ ଛାଡ଼ି ବହି ପଢିବାରେ ମନ ଲଗାନ୍ତୁ । ମୁଁ ପିଲାଙ୍କୁ କହିଲି କି, ସେମାନେ ଡଃ ଏପିଜେ ଅବଦୁଲ କଲାମଙ୍କ ଓ୍ୱିଂଗସ ଅଫ୍ ଫାୟାର ପଢନ୍ତୁ , ତାଙ୍କର ଯାତ୍ରା ଖୁବ୍ ଅଦ୍ଭୁତ । ମୁଁ ତାଙ୍କୁ ଏହା ବି କହିଛି କି ଜୀବନର ଆଉ ଏକ ରହସ୍ୟ ମଧ୍ୟ ରହିଛି, ଯେପରି ଓସାମା ବିନ୍ ଲାଡେନ୍ ଆତଙ୍କବାଦୀ ହୋଇଗଲେ । କେହି ବି ବ୍ୟକ୍ତି ଜନ୍ମରୁ ଭଲ ବା ଖରାପ ହୋଇ ନଥାଏ, କିନ୍ତୁ ସେ ବହୁତ ଖରାପ ହୋଇଗଲେ । ଓସାମାଙ୍କ ଉପରେ ଏକ ପୁସ୍ତକ ଅଛି , ଯାହା ତାଙ୍କର ହତ୍ୟା ପରେ ମାସ ମାସ ଯାଏ ନ୍ୟୁୟର୍କରେ ବେଷ୍ଟସେଲର ହୋଇଥିଲା । ଏଥିପାଇଁ ଏହା ପଢିବାକୁ ଆଗ୍ରହ ହେବ କି, କାହାର ଜୀବନରେ ଏମିତି କଣ ହୋଇଥାଏ , ଯାହା ତାକୁ ଭଲ ବା ଖରାପ କରିଦିଏ । ମୋର ଏକ ବୟାନକୁ ସଂପାଦିତ କରାଯାଇଛି । ମୋତେ ଜଣା ନାହିଁ କି, ସେ କଣ ଯଠାଣେରେ ଗୁରୁବାର ଏକ ସାର୍ବଜନିକ କାର୍ଯ୍ୟକ୍ରମରେ ପିଲାଙ୍କୁ ସମ୍ବୋଧିତ କରିବା ବେଳେ ରୁତା ଆହ୍ୱାଡ କହିଥିଲେ , ଆପଣଙ୍କୁ ଓସାମା ବିନ ଲାଡେନର ଜୀବନୀ ପଢିବା ଉଚିତ୍ । ଏପିଜେ ଅବଦୁଲ କଲାମ ଯେଉଁ ଭଳି ରାଷ୍ଟ୍ରପତି ହେଲେ , ସେହିପରି ଓସାମା ବିନ୍ ଲାଡେନ ଆତଙ୍କବାଦୀ ହୋଇଥିଲେ। କିନ୍ତୁ ସେ ଆତଙ୍କବାଦୀ କାହିଁକି ହେଲେ ? ଏହି ସମାଜ ହିଁ ଥିଲା ଯିଏକି ତାଙ୍କୁ ଏମିତି ଗଢିବାକୁ ବାଧ କଲା । ସେ ଜନ୍ମରୁ ଆତଙ୍କୀ ନଥିଲେ। ସେ ଫ୍ରଷ୍ଟେସନରେ ଆତଙ୍କବାଦୀ ହେଲେ । ଏହାପରେ ତାଙ୍କର ଭାଷଣା ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି,ଯାହାକୁ ନେଇ ଖୁବ୍ ରିଆକ୍ସନ ଆସୁଛି । ସୋସିଆଲ ମିଡ଼ିଆରେ ଭାଇରାଲ ଭିଡ଼ିଓରେ ଆହ୍ୱାଡଙ୍କୁ ଏହା କହୁଥିବାର ଶୁଣିବାକୁ ମିଳିଛି , ଓସାମା ବିନ ଲାଡେନଙ୍କର ଜୀବନ ପଢନ୍ତ । ଯେଉଁ ଭଳି ଏପିଜେ ଅବଦୁଲ କଲାମ ସାହେବ ହୋଇ ଗଲେ , ସେହପରି ଓସାମା ମଧ୍ୟ ଆତଙ୍କବାଦୀ ହୋଇଗଲେ। କିନ୍ତୁ ସେ ଆତଙ୍କବାଦୀ କାହିଁକି ହେଲେ ? ସମାଜ ତାଙ୍କୁ ଆତଙ୍କବାଦୀ କରି ଦେଲା । ସେ ହତାଶାରେ ଆତଙ୍କବାଦୀ ହୋଇଗଲେ ।

## ଟଙ୍କା ପାଇଁ ଶେଷକୁ ଯୁଦ୍ଧ ବିମାନ ବିକିଲା ପାକିସ୍ତାନ



**ଇସ୍ଲାମାବାଦ,୨୭।୯:** ପାକିସ୍ତାନ ଅର୍ଥନୀତିର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ଲୋକମାନେ ଦୈନନ୍ଦିନ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ସଂଘର୍ଷ କରୁଛନ୍ତି । ପାକିସ୍ତାନ ଉପରେ ବିଦେଶୀ ଋଣ ବୋଝ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ସ୍ଥିତି ଏପରି ହୋଇଛି ଯେ, ପାକିସ୍ତାନ ସରକାରଙ୍କୁ ନିଜ ଯୁଦ୍ଧ ବିମାନ ବିକିବାକୁ ପଡ଼ିଲାଣି । ଆଜରବାଇଜାନ ୧.୬ ବିଲିୟନ ଡଲାରର ଚୁକ୍ତି ଅନୁଯାୟୀ ପାକିସ୍ତାନଠାରୁ ଚୀନ ନିର୍ମିତ ମଲ୍ଟି ରୋଲ ଜେଏଫ-୧୭ ବ୍ଲକ-୩ ଲଢୁଆ ବିମାନ କିଣିଥିବା ଜଣାପଡିଛି । ପାକିସ୍ତାନୀ ସେନା କହିଛି ଯେ ସେମାନେ ନିକଟରେ ଜେଏଫ-୧୭ ବ୍ଲକ-୩ ଲଢୁଆ ବିମାନ ବିକ୍ରି କରିବା ପାଇଁ ଆଜରବାଇଜାନ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। 'ଡନ୍' ଖବରକାଗଜ ଅନୁଯାୟୀ, ଚଳିତ ବର୍ଷ ଫେବ୍ରୁଆରିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଅନୁମାନ କରାଯାଉଛି। ୧.୬ ବିଲିୟନ ଡଲାରର ଏହି ଚୁକ୍ତିରେ ବିମାନ, ଅସ୍ତ୍ରଶସ୍ତ୍ର ଏବଂ ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ ବୋଲି ଆଜରବାଇଜାନ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଛି, କିନ୍ତୁ କିଣାଯାଇଥିବା ବିମାନର ସଠିକ ସଂଖ୍ୟା ନିର୍ଦ୍ଦିଷ୍ଟ ହୋଇନାହିଁ । ସୂଚନାଯୋଗ୍ୟ ଯେ ପାକିସ୍ତାନ ନିଜେ କୌଣସି ଯୁଦ୍ଧ ବିମାନ ତିଆରି କରେ ନାହିଁ । ଉଭୟ ଆମେରିକା ଓ ଚୀନ ପାକିସ୍ତାନକୁ ଏସବୁ ବିମାନ ଦାନ ସୂତ୍ରରେ କିମ୍ବା ଅଳ୍ପ ଦାମରେ ପ୍ରଦାନ କରିଛନ୍ତି । କିନ୍ତୁ ସର୍ତ୍ତ ଅନୁସାରେ ପାକିସ୍ତାନ ଆମେରିକା ପ୍ରଦତ୍ତ ଏଫ-୧୬ ବିମାନ ବିକି ପାରିବ ନାହିଁ । ଫଳରେ ଏବେ ପାକିସ୍ତାନ ଚୀନ ନିର୍ମିତ ବିମାନକୁ ବିକି ଦେଇଛି ।

## ପୁଣି ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇଲା ପାକିସ୍ତାନ

**ନ୍ୟୁୟର୍କ,୨୭।୯ :** ପାକିସ୍ତାନ ପୁଣି ଥରେ ମିଳିତ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ କହିଛନ୍ତି ଯେ କଶ୍ମୀରରେ ଭାରତର ଅତ୍ୟାଚର ଜାରି ରହିଛି । ସେଠାକାର ଲୋକମାନେ ନିଜ ସ୍ୱାଧୀନତା ଓ ଆତ୍ମ ନିୟନ୍ତ୍ରଣ ଅଧିକାର ପାଇଁ ଲଢୁଛନ୍ତି । ଜମ୍ମୁ-କଶ୍ମୀରବାସୀ ଶାନ୍ତି ଚାହୁଁଛନ୍ତି । କିନ୍ତୁ ଶାନ୍ତି ଆଡ଼କୁ ଗତି କରିବା ପରିବର୍ତ୍ତେ ଭାରତ କଶ୍ମୀରରେ ଜାତିସଂଘ ସଂକଳ୍ପ ପାଳନ କରିବାକୁ ଦେଉନାହିଁ । ଏହି ଅବସରରେ ସରିଫ ୨୦୧୯, ଅଗଷ୍ଟ ୫ରେ ହୋଇଥିବା ଧାରା ୩୭୦ ପ୍ରତ୍ୟାହାର ପ୍ରସଙ୍ଗ ବି ଉଠାଇଥିଲେ । କଶ୍ମୀରରେ ଭାରତୀୟ ସେନାର ୯ ଲକ୍ଷ ସୈନିକ ରହି କଶ୍ମୀରବାସୀଙ୍କ ଉପରେ ଅତ୍ୟାଚର କରୁଛନ୍ତି ବୋଲି ସେ କହିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ସୀମା ଓ କୂଟନୈତିକ ସମ୍ପର୍କକୁ ସ୍ୱାଭାବିକ କରିବା ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଛନ୍ତି । ସ୍ଥାୟୀ ଶାନ୍ତି ପାଇଁ ଭାରତ ଅଗଷ୍ଟ ୫, ୨୦୧୯ରେ ନିଆଯାଇଥିବା ଏକତରଫା ଏବଂ ବେଆଇନ ପଦକ୍ଷେପକୁ ପ୍ରତ୍ୟାହାର କରିବା ଉଚିତ ଏବଂ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବ ଏବଂ କାଶ୍ମୀରବାସୀଙ୍କ ଆକାଂକ୍ଷା ଅନୁଯାୟୀ ଜମ୍ମୁ-କଶ୍ମୀର ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆଲୋଚନା କରିବା ଉଚିତ । ସେପଟେ ଜବାବ ଦେବାର ଅଧିକାର ଅଧୀନରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଭାଷଣର ଜବାବ ଦେଇଛି ଭାରତ ।ପାକିସ୍ତାନ ଅତୀତରେ ବଞ୍ଚୁଛି ବୋଲି ଭାରତ କହିଛି ।



## ମୋଦୀ ଯାହା ଉପରେ ଦୁର୍ନୀତି ଅଭିଯୋଗ ଲଗାନ୍ତି, ପରେ ତାଙ୍କୁ ଦଳରେ ସାମିଲ କରି ଉପମୁଖ୍ୟମନ୍ତ୍ରୀ କରନ୍ତି : କେଜ୍ରିଓ୍ୱାଲ

**ନୂଆଦିଲ୍ଲୀ,୨୭।୯ ):** ଦିଲ୍ଲୀ ବିଧାନସଭାରେ ବିଜେପି ଉପରେ ଖୁବ୍ ବର୍ଷିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ଏହି ସମୟରେ ସେ ଯାଞ୍ଚ ଏଜେନ୍ସି ଗୁଡ଼ିକର ଦୁରୁପଯୋଗ ପ୍ରସଙ୍ଗ ଉଠାଇଛନ୍ତି । କହିଛନ୍ତି ଯେ, ବିଜେପିକୁ ଲାଜ ଲାଗିବା କଥା । ଅଜିତ ପାଓ୍ୱାରଙ୍କୁ ନଜରରେ ରଖି ସେ କହିଛନ୍ତି କି, ପ୍ରଧାନମନ୍ତ୍ରୀ ଯେଉଁ ବ୍ୟକ୍ତି ଉପରେ ଦୁର୍ନୀତି ଅଭିଯୋଗ ଲଗାଇଥାନ୍ତି, ପରେ ତାଙ୍କୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କରନ୍ତି । କେଜ୍ରିଓ୍ୱାଲ କହିଛନ୍ତି, ମୁଁ ଚାରି-ପାଞ୍ଚ ଦିନ ପୂର୍ବରୁ ମୋହନ ଭଗବତଙ୍କୁ ଏକ ଚିଠି ଲେଖିଥିଲି । ସେହି ଚିଠିରେ ମୁଁ ତାଙ୍କ ସହ ପାଞ୍ଚଟି ପ୍ରସଙ୍ଗରେ କଥା ହୋଇଥିଲି। ଏଥି ମଧ୍ୟରୁ ଗୋଟିଏ ପ୍ରସଙ୍ଗ ହେଉଛି ଯେଉଁ ଭଳି ଭାବରେ ପ୍ରଧାନମନ୍ତ୍ରୀ ମୋଦୀ ଇଡି ଆଉ ସିବିଆଇକୁ ଲଗାଇ କିମ୍ବା ଟଙ୍କା ଲାଞ୍ଚ ଦେଇ ବିରୋଧୀ ନେତାଙ୍କୁ ବିଜେପିରେ ସାମିଲ କରିବାକୁ ଚେଷ୍ଟା କରନ୍ତି, ସେଥିରେ ଆପଣ ସହମତ କି ? ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୭ ଜୁନ୍ ୨୦୨୩ରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅଜିତ ପାଓ୍ୱାର ୭୦ ହଜାର କୋଟି ଟଙ୍କା ଠକେଇ ଅଭିଯୋଗରେ ଅଭିଯୁକ୍ତ । ଆମେ ତାଙ୍କୁ ଜେଲକୁ ପଠାଇବୁ । ହେଲେ ଏହାର ପାଞ୍ଚ ଦିନ ପରେ ଅର୍ଥାତ ଜୁଲାଇ ୨ ରେ ସେ ତାଙ୍କୁ ତାଙ୍କ ସରକାରରେ ସାମିଲ କରିଥିଲେ ଏବଂ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇଦେଲେ । ମୁଁ ସେମାନଙ୍କୁ (ବିଜେପି) ପଚାରିବାକୁ ଚାହୁଁଛି କି ତୁମକୁ କିଛି ଲଜ୍ଜା ଅନୁଭବ ହେଉଛି କି ନାହିଁ ? ଯେତେବେଳେ ତୁମେ ତୁମ ରାସ୍ତାରେ କିମ୍ବା ତୁମ ଘରକୁ ଯାଅ ତୁମେ କେଉଁ ମୁହଁ ଦେଖାଉଛ ? କେଜ୍ରିଓ୍ୱାଲ ଆହୁରି ମଧ୍ୟ କହିଛନ୍ତି, ୨୨ ଜୁଲାଇ ୨୦୧୫ ରେ ବିଜେପି କହିଛି ଯେ ହିମନ୍ତ ବିଶ୍ୱ ସର୍ମା ବହୁତ ଦୁର୍ନୀତିଗ୍ରସ୍ତ । ଏକ ମାସ ପରେ ଅର୍ଥାତ ଅଗଷ୍ଟ ୨୩, ୨୦୧୫ ରେ ସେମାନେ ତାଙ୍କୁ ନିଜ ଦଳରେ ସାମିଲ କରିଥିଲେ । ଏହା ସହିତ କେଜ୍ରିଓ୍ୱାଲ କହିଛନ୍ତି, ଏନସିପି ନେତା ପ୍ରଫୁଲ୍ଲ ପଟେଲଙ୍କ ବିରୋଧରେ ସିବିଆଇ ଏବଂ ଇଡି ମାମଲା ଥିଲା, ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ବନ୍ଦ କରିଦେଇଥିଲେ । ଏହିଭଳି ଆଉ କିଛି ନେତାଙ୍କ ନାମ ମଧ୍ୟ ନେଇ ବିଜେପିକୁ ଦୃଢ ସମାଲୋଚନା କରିଛନ୍ତି କେଜ୍ରିଓ୍ୱାଲ ।



## ଶେଖ ହସିନାଙ୍କୁ ହଟାଇବାକୁ ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା : ମହମ୍ମଦ ୟୁନୁସ୍

**ନ୍ୟୁୟର୍କ,୨୭।୯ :** ବାଂଲାଦେଶର ଅନ୍ତରୀଣ ସରକାରର ପରାମର୍ଶଦାତା ମହମ୍ମଦ ୟୁନୁସ୍ କହିଛନ୍ତି ଯେ ଦେଶରେ ହୋଇଥିବା ଛାତ୍ର ଆନ୍ଦୋଳନ ପାଇଁ ବହୁ ପୂର୍ବରୁ ଯୋଜନା କରାଯାଇଥିଲା ଏବଂ ଏହା ଦ୍ୱାରା ଶେଖ୍ ହସିନାଙ୍କୁ କ୍ଷମତାରୁ ହଟାଇ ଦିଆଯାଇଥିଲା । ନୋବେଲ ବିଜେତା ୟୁନୁସ୍ କ୍ଲିଣ୍ଟନ ଗ୍ଲୋବାଲ ଇନିସିଏଟିଭର ବାର୍ଷିକ ବୈଠକରେ ଯୋଗଦେଇ କହିଥିଲେ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଏବଂ ତାଙ୍କ ଦଳ ଆଓ୍ୱାମି ଲିଗକୁ କ୍ଷମତାରୁ ହଟାଇବାକୁ ଯୋଜନା କରାଯାଇଥିଲା। ଆମେରିକାର



ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଏହି ବୈଠକରେ ୟୁନୁସଙ୍କୁ ସ୍ୱାଗତ କରିଥିଲେ । ବାଂଲାଦେଶୀ ଛାତ୍ର ନେତାଙ୍କ ସଂପର୍କରେ ମହମ୍ମଦ ୟୁନୁସ୍ (୮୪) କହିଛନ୍ତି, 'ସମଗ୍ର ବିପ୍ଳବ ପଛରେ ଏହି ଲୋକଙ୍କ ବୁଦ୍ଧି କାମକରୁଥିଲା । ସେମାନେ ଅନ୍ୟ ଯୁବକଙ୍କ ପରି ଦେଖାଯାଇପାରନ୍ତି, ଆପଣ ସେମାନଙ୍କୁ ଚିହ୍ନିପାରିବେ ନାହିଁ । କିନ୍ତୁ ଯେତେବେଳେ ଆପଣ ସେମାନଙ୍କୁ କାର୍ଯ୍ୟରେ ଦେଖିବେ, ଯେତେବେଳେ ଆପଣ ସେମାନଙ୍କ କଥା ଶୁଣିବେ, ଆପଣ ଆଶ୍ଚର୍ଯ୍ୟ ହୋଇଯିବେ ।ସେମାନେ ସମଗ୍ର ଦେଶକୁ ଦୋହଲାଇ ଦେଇଛନ୍ତି । ୟୁନୁସ୍ ବିଶେଷ କରି ଛାତ୍ର କର୍ମୀ 'ମହଫୁଜ ଅବଦୁଲ୍ଲା'ଙ୍କ ଆଡ଼କୁ ଇଙ୍ଗିତ କରି କହିଛନ୍ତି ଯେ ଏହି ବିପ୍ଳବ ପଛରେ ତାଙ୍କର ରଣନୀତି ଥିଲା ।

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଲେ କନିଷ୍ଠ ଯନ୍ତ୍ରୀ

**ବୈପାରୀଗୁଡା, ୨୭।୯(ମହାଭାରତ) :** ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଲେ ମହିଳା କନିଷ୍ଠ ଯନ୍ତ୍ରୀ। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ଠାରେ ମହିଳା କନିଷ୍ଠ ଯନ୍ତ୍ରୀ ଭାନୁମୋତି ଟୁଡୁଙ୍କୁ ଧରିଛି ଜୟପୁର ଭିଜିଲାନ୍ସ ଟିମ। କୋରାପୁଟ ଜିଲ୍ଲା ଘୁମର ପଞ୍ଚାୟତର ଜଣେ ହିତାଧିକାରୀଙ୍କ ଠାରୁ ଗାଈ ଗୁହାଳ ନିର୍ମାଣ କାର୍ଯ୍ୟର ବିଲ୍ ପାସ୍ କରିବାକୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ରଙ୍ଗବୋଳା ଟଙ୍କା ସହ କନିଷ୍ଠ ଯନ୍ତ୍ରୀଙ୍କୁ ଧରିଛି ଭିଜିଲାନ୍ସ ଟିମ୍। କନିଷ୍ଠ ଯନ୍ତ୍ରୀ ଧରାପଡିବା ପରେ କାର୍ଯ୍ୟାଳୟରେ ରେଡ୍ କରିଥିଲା ଭିଜିଲାନ୍ସ ଟିମ।



## ବିଶ୍ୱ ପର୍ଯ୍ୟଟନ ଦିବସରେ ବାଇକ୍ ରାଲି

**କୋଣାର୍କ, ୨୭।୯(ମହାଭାରତ):** ଆନ୍ତର୍ଜାତିକ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର କୋଣାର୍କରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ଓ ଏହି ଐତିହ୍ୟ ବାଇକ ସୁପର ରାଲି କାର୍ଯ୍ୟକ୍ରମ ସକାଳ ୭ଘଟିକା ସମୟରେ ଶାନ୍ତିସ୍ତୂପ ଧଉଳି ଠାରୁ ଆରମ୍ଭ ହୋଇ ପିପିଲି, ମାଳତୀପାଟପୁର ଦେଇ ପୁରୀ - କୋଣାର୍କ ମେରାଇନ ଡ୍ରାଇଭ ରାସ୍ତା ଦେଇ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ମୁକ୍ତାକାଶ ରଙ୍ଗମ ଠାରେ ପହଞ୍ଚିଥିଲେ। ସେମାନଙ୍କୁ ମୁକ୍ତାକାଶ ରଙ୍ଗମଞ୍ଚଠାରେ ପର୍ଯ୍ୟଟନ ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ପରେ କୋଣାର୍କ ମୁକ୍ତାକାଶ ରଙ୍ଗମ ଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଆୟୋଜିତ ପର୍ଯ୍ୟଟନ ଦିବସ ସମାରୋହ କାର୍ଯ୍ୟକ୍ରମରେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ସମ୍ବିତ ପାତ୍ର, ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଲ ମୁକୁନ୍ଦ ଭୂୟାଁ, କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଓଡିଶା ସୁପର ବାଇକ ଆସୋସିଏସନ ସଂପାଦକ ହିମାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ନିମନ୍ତେ ସୁପର ବାଇକର ମାନଙ୍କ ଭୂମିକା ଅନନ୍ୟ ବୋଲି ଅଭିହିତ କରିଥିଲେ।

ଓଡ଼ିଶା ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରଚାର ଓ ପ୍ରସାର ଦିଗରେ ଏହା ଏକ ପ୍ରମୁଖ ଭୂମିକା ଲିଭାଇବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଥର ପାଇଁ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଐତିହ୍ୟ ସୁପରବାଇକର ରାଲି ଭଳି କାର୍ଯ୍ୟକ୍ରମ ପର୍ଯ୍ୟଟନ ବିଭାଗର ଏକ ଅନନ୍ୟ କାର୍ଯ୍ୟକ୍ରମ ଓ ଏହା ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ପାଇଁ ବିଶେଷ ସହାୟକ ହେବ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତବର୍ଷର ପର୍ଯ୍ୟଟନ କ୍ଷେତ୍ର ମାନଙ୍କରେ ଏ ବର୍ଷର ମୁଖ୍ୟ ବାର୍ତ୍ତା ପର୍ଯ୍ୟଟନ ଆଉ ଶାନ୍ତି କୁ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଛି। ଭାରତ ବର୍ଷର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଙ୍କ ଆମେରିକା ଗସ୍ତ ଅବସରରେ ସେଠାରେ ରହୁଥିବା ପ୍ରବାସୀ ଭାରତୀୟ ମାନଙ୍କ ସହ ସାକ୍ଷାତ ଆଲୋଚନା ହୋଇଥିଲା।

ପ୍ରବାସୀ ଭାରତୀୟ ମାନେ ଜଣଙ୍କ ପିଛା ୫ ଜଣ ବିଦେଶୀ ବନ୍ଧୁଙ୍କୁ ଭାରତର ପର୍ଯ୍ୟଟନ କ୍ଷେତ୍ର ଆଣି ବୁଲେଇବା ସହ ଦେଶର ପର୍ଯ୍ୟଟନ ଶିଳ୍ପର ଦୃତ ଅଭିବୃଦ୍ଧି ଦିଗରେ ଏକ ମାଇଲି ଖୁଣ୍ଟ ସଦୃଶ। ଭାରତ ବର୍ଷର ପ୍ରଧାନମନ୍ତ୍ରୀଙ୍କ ନିବେଦନକୁ ସମସ୍ତେ ପାଳନ ପୂର୍ବକ ଭାରତର ପର୍ଯ୍ୟଟନ ଶିଳ୍ପର ବିକାଶ କରିବାରେ ଏହା ବିଶେଷ ସହାୟକ ହେବ ବୋଲି କୋଣାର୍କ ସ୍ଥିତ ମୁକ୍ତାକାଶ ରଙ୍ଗମ ଠାରେ ଅନୁଷ୍ଠିତ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ପୁରୀ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡଃ ସମ୍ବିତ ପାତ୍ର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, କୋଣାର୍କ ଏନଏସିର ଭାଗ୍ୟରଥି ବରାଳ, କୋଣାର୍କ ଏନଏସିର ସମସ୍ତ କର୍ମଚାରୀମାନଙ୍କ ସମେତ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ଦାଦନ ଖଟାଇବାକୁ ନେଇ ଗୋଡ଼ କାଟିଦେଲା ଦଲାଲ

**ମୋହନା, ୨୭।୯:** ଅସହାୟ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ସ୍ତ୍ରୀ ଦାଦନ ଖଟିବା ପାଇଁ ଯାଇଥିଲେ କିନ୍ତୁ ସ୍ୱାମୀଙ୍କୁ ସାହାଯ୍ୟ କରିବା ବଦଳରେ ନିଜେ ଏବେ ଅସହାୟ। ଦଲାଲର ନିର୍ଯ୍ୟାତନାରେ ନିର୍ଯ୍ୟାତିତ ରଶ୍ମି ଏବେ ନିଜ ଗୋଡ଼ ହରାଇ ଅସହାୟ ହୋଇ ପଡିଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ ଆଲିଗଣ୍ଡା ଗାଁରେ। ଏହି ଗାଁର ଆକବର ବର୍ଦ୍ଧନଙ୍କୁ ୨୦୧୪ ମସିହାରେ ବିବାହ କରିଥିଲେ ମୋହନା ଥାନା ସାନଖଣି ଗାଁର ରଶ୍ମି ବର୍ଦ୍ଧନ । ବିବାହ ପରେ ଦାଦନ ଖଟିବାକୁ ଆକବର କେରଳ ଯାଇଥିଲେ କିନ୍ତୁ ଶରୀର ଅସୁସ୍ଥ ଯୋଗୁଁ ଗତବର୍ଷ ସେ ନିଜ ଗାଁକୁ ଫେରି ଆସିଥିଲେ।

ପରିବାର ଚଳାଇବା ପାଇଁ ସମସ୍ୟା ହେବା ଯୋଗୁଁ ଆକବରଙ୍କ ସ୍ତ୍ରୀ ରଶ୍ମି ବର୍ଦ୍ଧନ ନିଜର ଦୁଇ ଛୁଆ ଏବଂ ସ୍ୱାମୀଙ୍କୁ ଛାଡି ଗତ ୨୦୨୩ ଡିସେମ୍ବର ୧୪ରେ ଦାଦନ ଖଟିବା ପାଇଁ ଗାଁର ଜଣେ ଦଲାଲ ବିଳାସ ନାୟକଙ୍କ ସହ ମୁମ୍ବାଇ ଯାଇଥିଲେ। ସେଠାରେ ଭିନ୍ନ ଭିନ୍ନ ସ୍ଥାନରେ ସେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ। ସେଠାରେ କିଛି ମାସ ରହି କାର୍ଯ୍ୟ କରିବା ପରେ ୧୦ ଜାନୁୟାରୀ ୨୦୨୪ରେ ଦଲାଲ ବିଳାସ ରଶ୍ମିଙ୍କୁ ନେଇ ନିଜ ଭଡା ଘରେ ରଖିବା ସହ ନିଶା ଦେଇ ତାଙ୍କ ସହ ଦୁଷ୍କର୍ମ କରିଥିଲା। ରଶ୍ମି ଏହାକୁ ପ୍ରତିବାଦ କରିବାରୁ ୧୬ ଜାନୁୟାରୀ ୨୦୨୪ରେ ବିଳାସ ରଶ୍ମିଙ୍କୁ ମାଡ଼ ମାରିବା ସହ ଷ୍ଟେସନ ନେଇ ଗାଁକୁ ପଠାଇବା ପାଇଁ ଉଦ୍ୟମ କରିଥିଲା । କିନ୍ତୁ କୌଣସି ମତେ ରଶ୍ମି ସେଠାରୁ ଖସିଯାଇ ମୁମ୍ବାଇର ସନ୍ତାକ୍ଲଜ୍ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଥାନାରୁ ଷ୍ଟେସନ ଆସି ନିଜ ଗାଁକୁ ଫେରିବା ପାଇଁ ଚେଷ୍ଟା କରୁଥିବା ବେଳେ ଦଲାଲ ବିଳାସ ନିଜର କିଛି ସହଯୋଗୀଙ୍କ ସହାୟତାରେ ରଶ୍ମିଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାମ ଗୋଡ଼କୁ କାଟିଦେଇଥିଲା।

ମୁମୂର୍ଷ ଅବସ୍ଥାରେ ମୁମ୍ବାଇର ଗ୍ରେସ୍ ଫାଉଣ୍ଡେସନର ସଦସ୍ୟମାନେ ରଶ୍ମିଙ୍କୁ ଉଦ୍ଧାର କରି ସାଇନ ଅଞ୍ଚଳରେ ଥିବା ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଦୀର୍ଘଦିନ ଧରି କୋମାରେ ରହିବା ପରେ ଅଗଷ୍ଟ ୨୦୨୪ରେ ରଶ୍ମିଙ୍କ ଚେତା ଫେରିଥିଲା। ପରେ ୨୯ ଅଗଷ୍ଟ ୨୦୨୪ରେ ଗ୍ରେସ୍ ଫାଉଣ୍ଡେସନର ସଦସ୍ୟମାନେ ରଶ୍ମିଙ୍କୁ ଆଣି ଆଲିଗଣ୍ଡାରେ ଛାଡିବା ପରେ ସମସ୍ତ ଘଟଣା ଉପରୁ ପରଦା ହଟିଥିଲା।



ଏନେଇ ଗତ କାଲି ଅର୍ଥାତ ୨୬ ସେପ୍ଟେମ୍ବରରେ ପୀଡିତା ରଶ୍ମିଙ୍କ ପରିବାର ପକ୍ଷରୁ ଅଡବା ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପଟେ ଦଲାଲ ବିଳାସ ନାୟକ ଆଲିଗଣ୍ଡା ଗାଁରେ ରହି ପୀଡିତାଙ୍କ ପରିବାରକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ରଶ୍ମି ଏବଂ ତାଙ୍କ ପରିବାରକୁ ଆବଶ୍ୟକୀୟ ସରକାରୀ ସହାୟତା ସହ ଆଇନ ଗତ ପ୍ରକ୍ରିୟାରେ ସହଯୋଗ କରାଯିବା ବୋଲି କହିଛନ୍ତି ବିଡିଓ ରାଜୀବ ଦାସ। ପରିବାର ଚଳାଇବାରେ ସ୍ୱାମୀଙ୍କୁ ସହାୟତା କରିବା ପାଇଁ ଦାଦନ ଖଟିବାକୁ ଯାଇଥିବା ରଶ୍ମିଙ୍କ ଜୀବନ ଏବେ ଅନ୍ଧାର ହୋଇପଡିଛି। ସେମାନଙ୍କ ପାଇଁ ଏକ ମାତ୍ର ଭରସା ସରକାରୀ ସହାୟତା। ପରିବାର ଚଳାଇବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରୁଛନ୍ତି ରଶ୍ମି ଓ ତାଙ୍କ ସ୍ୱାମୀ। ଯଦି ତାଙ୍କୁ ନ୍ୟାୟ ମିଳନ୍ତା ତେବେ ଏ ପରିବାରର ଦୁଃଖ ଯାଆନ୍ତା।

## ଲାଂଚ ନେବା ବେଳେ ଧରାପଡିଲେ କନିଷ୍ଠ ଯନ୍ତ୍ରୀ

**ଭୁବନେଶ୍ୱର / ଜୟପୁର, ୨୭।୯(ମହାଭାରତ):** ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ । କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର କନିଷ୍ଠ ଯନ୍ତ୍ରୀ ଭାନୁମତୀ ଟୁଡୁ ଠିକାଦାରଙ୍କ ଠାରୁ ୫ ହଜାର ଟଙ୍କା ନେଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସମ୍ପୂର୍ଣ୍ଣ ଲାଂଚ ଟଙ୍କା ତାଙ୍କ ଠାରୁ ଜବତ ଓ ଉଦ୍ଧାର କରାଯାଇଛି । ଏହାପରେ ତାଙ୍କର ତିନୋଟି ଠିକଣାରେ ରେଡ୍ କରିଛି ଭିଜିଲାନ୍ସ ।

### ବୌଦ୍ଧ ତୀର୍ଥସ୍ଥଳ ସଂପର୍କରେ ସୂଚନା

**କୁଶୀନଗର, (ମହାଭାରତ):** ବୌଦ୍ଧ ଦେଶଗୁଡିକର ପର୍ଯ୍ୟଟକମାନେ ନିଜ ନିଜ ମାତୃଭାଷାରେ ଭାରତୀୟ ବୌଦ୍ଧ ସର୍କିଟର ତୀର୍ଥସ୍ଥଳ ସଂପର୍କରେ ଜାଣିପାରିବେ । ଏବେ ଯାଏ ପର୍ଯ୍ୟଟକ ଇଂରାଜୀ ଭାଷାରେ ହିଁ ବୌଦ୍ଧ ତୀର୍ଥସ୍ଥଳ ସଂପର୍କରେ ସୂଚନା ପାଉଥିଲେ । କେନ୍ଦ୍ର ଓ ରାଜ୍ୟର ପର୍ଯ୍ୟଟନ ବିଭାଗ ବୌଦ୍ଧ ଦେଶରେ ସକ୍ରିୟ ହୋଇଛି ।

## ପ୍ରେମିକ ସହ ମିଶି ଶ୍ୱଶୁରକୁ ମାରିଦେଲା ବୋହୂ ?

**ନରସିଂହପୁର, ୨୭।୯(ମହାଭାରତ):** ବୋହୂ ପ୍ରେମ କଲା କିନ୍ତୁ ବଳି ପଡିଲା ଶ୍ୱଶୁର। ପୁଅର ଅନୁପସ୍ଥିତିରେ ବୋହୂ ରଖୁଥିଲା ପରପୁରୁଷ ସହିତ ସମ୍ପର୍କ। ପୁଅ ସିନା ଜାଣିପାରୁନଥିଲା ହେଲେ ଶ୍ୱଶୁର ଜାଣିପାରୁଥିଲେ ସବୁକିଛି। କାହିଁକିନା ବୋହୂକୁ ଅନ୍ୟ ଜଣେ ପୁରୁଷ ସହିତ ରୁମରେ ଦେଖିଥିଲେ ଶ୍ୱଶୁର। ଥରେ ନୁହେଁ ଏହାକୁ ମିଶାଇ ତିନି ଥର ଗାଁର ସେହି ଯୁବକ ଜିତୁ ସହିତ ବୋହୂକୁ ଅସଂଜତ ଅବସ୍ଥାରେ ଦେଖିଛନ୍ତି ଶ୍ୱଶୁର। ବାସ୍ ଶ୍ୱଶୁରଙ୍କର ଭୁଲ ଏତିକି ରହିଗଲା ଯେ ସେ କୌଣସି ମତେ ଏସବୁ ଦେଖିଦେଇଥିଲେ। ଯାହାପରେ ଲାଜରେ ମୁଣ୍ଡ ନଇଁ ଯାଇଥିଲା ତାଙ୍କର। ବୋହୂକୁ ତାଗିଦ୍ କରି ପୁଅକୁ ମଧ୍ୟ ଏ ବିଷୟରେ ଜଣାଇଥିଲେ। ପୁଅ ପାରାଦୀପରେ ଗାଡି ଚାଳକ ଅଟନ୍ତି। ସେଥିପାଇଁ ପୁଅ ଘରେ ରହେନି। ହେଲେ ପୁଅର ଅନୁପସ୍ଥିତରେ ନିଜ ବୋହୂକୁ ଅନ୍ୟ ପରପୁରୁଷ ସହିତ ଦେଖିଦେବା ପରେ ଶ୍ୱଶୁରଙ୍କର ଏମିତି ଭାବେ ମୃତ୍ୟୁ ହୋଇଯିବ ତାହା କାହାକୁ ଜଣାନଥିଲା। ବାପାର ଏମିତି ଅକସ୍ମାତ୍ ମୃତ୍ୟୁକୁ ସହିପାରୁନାହାଁନ୍ତି ତାଙ୍କ ଝିଅମାନେ। ବାପାକୁ ମରିଶୋଇଥିବାର ଦେଖି ନିଜ କୋହ ସମ୍ଭାଳି ପାରୁନାହାଁନ୍ତି ଝିଅ।

କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଚକ୍ର ପ୍ରସାଦ ଗାଁରେ ବୃଦ୍ଧାଙ୍କ ସେନ୍ଦେହ ଜନକ ମୃତ୍ୟୁ ଆଲୋଡନ ସୃଷ୍ଟି କରିଛି ପୂରା ଗାଁରେ। ପୁରା ଗାଁରେ ଚହଳ ପଡିଯାଇଛି ଏ ଖବର। ସେଥିପାଇଁ ତ ଗାଁର ଲୋକେ ବି ବୃଦ୍ଧାଙ୍କ ଏପରି ଅକସ୍ମା ମୃତ୍ୟୁକୁ ସହିନପାରି ବୋହୂ ନାଁରେ ଟୁପୁରୁ ଟାପୁର ହେଉଛନ୍ତି। କହିବାକୁ ଗଲେ ଯେ ବୃଦ୍ଧାଙ୍କ ନାମ ପାଣୁ ବେହେରା ଓ ବୟସ ୬୫ ବର୍ଷ। ପାଣୁଙ୍କର ଝିଅମାନଙ୍କର ଗୋଟିଏ ଜିଦ୍ ବାପାକୁ ଆମର ମାରିଦିଆଯାଇଛି। ଭାଉଜ ଆଉ ତାର ପାପ ପ୍ରେମ ଜିତୁ ମିଶି ଆମ ବାପାକୁ ମାରିଦେଇଛନ୍ତି। ନହେଲେ ମରିବା ପାଇଁ ବାଧ କରିଛନ୍ତି। ଏନେଇ ଥାନାରେ ମଧ୍ୟ ସେମାନେ ଲିଖିତ ଆକାରରେ ସବୁକିଛି ଜଣାଇଛନ୍ତି।

ବାପାର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନଥିବା ଝିଅ ସୁକାନ୍ତି ଜୁଡୁମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜୁଡୁମ ଥାନା ପକ୍ଷରୁ ୭/୨୪ ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରାଯାଇଛି। ତେବେ ମୃତ୍ୟୁର କାରଣ ନିଜ ଭାଉଜ ବାସନ୍ତି ବେହେରା ଏବଂ ସେ ଅନୈତିକ ସମ୍ପର୍କ ରଖିଥିବା ସେହି ଗାଁର ଜିତୁ ରାଉତ ନାଁରେ ସଂଗୀନ ଅଭିଯୋଗ ଆଣିବା ସହ ସେମାନେ ଆମ ବାପାଙ୍କୁ ମାରିଦେଇଛନ୍ତି ବୋଲି ଲିଖିତ ଅଭିଯୋଗ କରିଛନ୍ତି ଝିଅ ବାସନ୍ତୀ। ତେବେ ମୃତ ବୃଦ୍ଧାଙ୍କ ବୋହୁଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କାମେରା ଆଗରେ କିଛି କହିନଥିଲେ ସେୟ ତେବେ ଅଧିକ ତଦନ୍ତ ପାଇଁ ଜୁଡୁମ ପୋଲିସ ତରଫରୁ ସାଇଣ୍ଟିଫିକ ଡକା ଯାଇଛି। କିନ୍ତୁ ଏହି ଖବର ପୂରା ଗାଁରେ ଚହଳ ପକାଇ ଦେଇଛି।

